ଧରିତ୍ରୀ
DHARITRI
June 20-26, 2021 ₹ 2/-

# ଛୁଟିଦିନ



# ବାପାଙ୍କୁ ଚିଠି



ଗୋଟେ ଦମ୍ଭର ନାଁ, ଗୋଟେ ଅହଙ୍କାରର ନାଁ, ଗୋଟେ ଆଶ୍ରାର ନାଁ, ଗୋଟେ ନିରୀହ ଭଲପାଇବାର ନାଁ ବାପା। ହେଲେ କୌଣସି ସନ୍ତାନ କ'ଣ ସତରେ ବାପାଙ୍କୁ ଠିକ୍ ଭାବରେ ବୁଝି ପାରନ୍ତି! କେହି କେହି ବୁଝନ୍ତି ଯେତେବେଳେ ସେ ନିଜେ ବାପା ହୁଅନ୍ତି। ବୁଝନ୍ତି, ହେଲେ କହିପାରନ୍ତି ନାହିଁ, ଆଉ କେହି ବୁଝିବା ବେଳକୁ ବାପା ତାଙ୍କୁ ଛାଡି ଚାଲି ଯାଇଥାନ୍ତି ବହୁ ଦୂରକୁ । ଏକଥା ଊଣାଅଧିକେ ପ୍ରାୟ ପ୍ରତ୍ୟେକ ସନ୍ତାନଙ୍କ କ୍ଷେତ୍ରରେ ଘଟିଥାଏ । ଏଥର ପ୍ରଚ୍ଛଦରେ ଏମିତି କେତେଜଣ ସନ୍ତାନ ଅଛନ୍ତି ଯିଏ ତାଙ୍କ ମନର କଥା ଅବସୋସର କଥା, ଭଲପାଇବାର କଥା ଚିଠି ମାଧ୍ୟମରେ ଜଣାଇଛନ୍ତି ତାଙ୍କ ବାପାଙ୍କୁ...

୩ ପ୍ରଚ୍ଛଦ ପ୍ରସଙ୍ଗ
୮/୯ ସିନେମା
୧୩ ସହରଠୁ ଦୂର







# କେମିତି ବଢ଼ିବ ବାପା-ପୁଅଙ୍କ ଭିତରେ ସମ୍ପର୍କ

ଅନେକ ସମୟରେ ଛୋଟଛୋଟ କଥାକୁ ନେଇ ବାପା-ପୁଅଙ୍କ ଭିତରେ ମନମତାନ୍ତର ହେଉଥିବାର ଦେଖିବାକୁ ମିଳିଥାଏ। ଏହା ପଛରେ ବି ବାସ୍ତୁଦୋଷ ରହୁଥିବା ଅନୁମାନ କରାଯାଏ। ତେବେ କ'ଣ ସେହି ବାସ୍ତୁଦୋଷ ଆଉ କ'ଣ ରହିଛି ତା'ର ପ୍ରତିକାର ଆସନ୍ତୁ ଜାଣିବା ସେ ସମ୍ପର୍କରେ...



*ବାସ୍ତୁଶାସ୍ତ୍ର ଅନୁସାରେ ଘରର ଉତ୍ତର-ପୂର୍ବ ଦିଗରେ ଯଦି ଅଳିଆ ଆବର୍ଜନା ଜମା ରହୁଥିବ, ତା'ହେଲେ ତାହା ଗୃହରେ ନକାରାତ୍ମକ ଉର୍ଜା ଉତ୍ପନ୍ନ କରିବା ସହ ବାପା-ପୁଅଙ୍କ ଭିତରେ ତିକ୍ତତା ସୃଷ୍ଟି କରିବ।

*ତେଣୁ ଏଥିରୁ ମୁକ୍ତି ପାଇବା ପାଇଁ ଘରର ଉତ୍ତର-ପୂର୍ବ କୋଣକୁ ସର୍ବଦା ସଫାସୁତୁରା ରଖିବା ଦରକାର।

*ସେହିପରି କୁହାଯାଏ, ଉତ୍ତର-ପୂର୍ବ କୋଣରେ କୌଣସି ଭାରି ଜିନିଷ ରଖିଲେ କିମ୍ବା ଏହି ଦିଗରେ ରୋଷେଇଘର ଅଥବା ଶୌଚାଳୟ ଥିଲେ, ଏହା ମଧ୍ୟ ବାପା-ପୁଅଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ।

*ଅନ୍ୟପକ୍ଷେ ଉତ୍ତର-ପୂର୍ବ କୋଣରେ କିଛି ବି ଜ୍ୱଳନଶୀଳ ପଦାର୍ଥ ଅବା ଗରମ ଉତ୍ପନ୍ନ କରୁଥିବା କୌଣସି ଉପକରଣ ରଖିଥିଲେ, ଏହାର ପ୍ରଭାବରେ ପୁଅମାନଙ୍କର ବ୍ୟବହାର ଖୁବ୍ ରୁକ୍ଷ ହୋଇଥାଏ, ଯଦ୍ୱାରା ସେମାନେ ବାପାଙ୍କର କୌଣସି କଥାକୁ ବି ସହଜରେ ଗ୍ରହଣ କରି ନଥାନ୍ତି।

*ସେହିପରି ଘରର ଉତ୍ତର-ପୂର୍ବ କୋଣ ଯଦି ଅନ୍ୟ କୋଣ ତୁଳନାରେ ସାମାନ୍ୟ ଉଚ୍ଚା ହୋଇଥାଏ, ତା'ହେଲେ ଏହାର କୁ-ପ୍ରଭାବ ମଧ୍ୟ ବାପା-ପୁଅଙ୍କ ସମ୍ପର୍କ ଉପରେ ପଡ଼ିଥାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁନ୍ ୨୦-୨୬

**ମେଷ**
ସ୍ଥଗିତ କର୍ମାରମ୍ଭ, ବନ୍ଧୁଙ୍କ ଅର୍ଥ ସାହାଯ୍ୟ, ପାଖପଡ଼ୋଶୀଙ୍କ ଆକ୍ଷେପୋକ୍ତି, ପାରିବାରିକ ସହମତି, ସହକର୍ମୀଙ୍କ ଭୁଲ୍ ବୁଝାମଣା, ମହାଜନି ଚାପ ବଢ଼ିବ, ଲେଖାପଢ଼ାରେ ଉନ୍ନତି, ଧର୍ମକାର୍ଯ୍ୟରେ ବ୍ୟୟ, ସଭାସମିତିକୁ ନିମନ୍ତ୍ରଣ ।

**ବୃଷ**
ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ, ପାରିବାରିକ ସ୍ଥିତି ବଦଳିବ, ଗୃହ କ୍ରୟ ପାଇଁ ଚୁକ୍ତିପତ୍ର, କଳ କାରଖାନାର ନବୀକରଣ, ଆନୁଷ୍ଠାନିକ ସମ୍ମାନ, ସମସ୍ୟାର ସମାଧାନ, ଚାପମୁକ୍ତ ହେବେ।

**ମିଥୁନ**
ଯାତ୍ରାରେ ସଫଳତା, ପ୍ରଶାସନିକ ଅସ୍ଥିରତା, ଆଇନ ସହାୟତା ଲୋଡ଼ିବେ, ଆତ୍ମୀୟଙ୍କ ଆକ୍ଷେପୋକ୍ତି, ଆର୍ଥିକ ସମସ୍ୟାର ଦୁରବସ୍ଥା, ବନ୍ଧୁଙ୍କ ସାହାଯ୍ୟ, ଭ୍ରମଣ ସୁଯୋଗ ମିଳିବ, ଜମିଜମା ବିକ୍ରୟ।

**କର୍କଟ**
ନୂତନ ଯୋଜନାରମ୍ଭ, କାର୍ଯ୍ୟକାରିତାରେ ଅନିଶ୍ଚିତତା, ଖଳପ୍ରକୃତିର ଅପପ୍ରଚାର, ଭ୍ରାତୃସମ୍ପର୍କର ଅବନତି, ମନୋରଞ୍ଜନରେ ବିରାଗ, ପାରିବାରିକ ବୁଝାମଣା, ଅବସାଦ ଦୂର ହେବ।

**ସିଂହ**
ବନ୍ଧୁଙ୍କ ପରାମର୍ଶ, କର୍ମକ୍ଷେତ୍ରରେ ଆଗୁସାର, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା, ସଭାସମିତିରେ ସମ୍ମାନ, ଜମିଜମା ବିବାଦ, ଆୟକର ସମସ୍ୟାର ଚିନ୍ତା, ଅବହେଳାରୁ କୈଫିୟତ ତଲବ।

**କନ୍ୟା**
ଅର୍ଥନୈତିକ କାର୍ଯ୍ୟକ୍ରମ, ନୂତନ ଚୁକ୍ତିପତ୍ର ସ୍ୱାକ୍ଷର, ସାମାଜିକ ସମ୍ମାନ, ଲୋକସଂପର୍କ ବୃଦ୍ଧି, ସ୍ୱଜନ ଦୂରେଇବେ, ସରକାରୀ ସହାୟତା, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ବିଦେଶଯାତ୍ରାର ସୁଯୋଗ।

**ତୁଳା**
ନୂତନ ଉଦ୍ୟୋଗ ପ୍ରତିଷ୍ଠା, ଯାନ୍ତ୍ରିକ ଜିନିଷ କ୍ରୟ, ଫାଇଲ୍ କାମରେ ଦ୍ୱନ୍ଦ୍ୱ, ପାରିବାରିକ ସମସ୍ୟା, କୌଶଳରେ କାର୍ଯ୍ୟସାଧନ, ଈର୍ଷା ଅସୂୟାର ଉପଚାର, ସମ୍ବେଦନଶୀଳତାରୁ ପ୍ରଶଂସା, ସଭାସମିତିକୁ ଆହ୍ୱାନ, ଧାର୍ମିକ କାର୍ଯ୍ୟରେ ସହଯୋଗ।

**ବିଛା**
କାମ ତ୍ୱରାନ୍ୱିତ ହେବ, ମକଦ୍ଦମାରେ ଜୟଲାଭ, ସୃଜନଶୀଳ ସାହିତ୍ୟରୁ ପ୍ରଶଂସା, ଶାସ୍ତ୍ରୀୟ ସଙ୍ଗୀତରେ ରୁଚି, ସ୍ୱାସ୍ଥ୍ୟ ସଚେତନତା ଜରୁରୀ, ମାମୁଲି ଘଟଣାରେ ଉଚ୍ଚବାଚ, ନୂତନ ନିଯୁକ୍ତି ଖବର, ଦୂରଯାତ୍ରା ପାଇଁ ସଜବାଜ।

**ଧନୁ**
ଜନ କଲ୍ୟାଣ କାର୍ଯ୍ୟ, ପ୍ରତିରୋଧର ସାମ୍ନା, ବୁଝାମଣାରେ ଅଗ୍ରଗତି, ସ୍ୱାର୍ଥ ସାଧନର ଅନୁଚିନ୍ତା, ବ୍ୟକ୍ତିକୈନ୍ଦ୍ରିକ ଚିନ୍ତାଧାରାରୁ ଅପନିନ୍ଦା, ଅଧ୍ୟୟନରେ ନିଷ୍ଠା, ଉନ୍ନୟନରେ ଅଙ୍କୁଶ, ଅନିୟନ୍ତ୍ରିତ ଡାଇବେଟିସ୍।

**ମକର**
ନ୍ୟାୟୋଚିତ ପରାମର୍ଶ, ଗଠନମୂଳକ ପ୍ରେରଣା, ଶିଳ୍ପ ବାଣିଜ୍ୟରେ ସମସ୍ୟା, ଆଧ୍ୟାତ୍ମିକତାରେ ଉନ୍ନତି, ପରିବାରରେ ସ୍ୱାସ୍ଥ୍ୟ ସମସ୍ୟା। କଳାରେ ଉତ୍କର୍ଷ, ସହକର୍ମୀଙ୍କ ସନ୍ଦେହ, ଦୁଃସାହସିକ କର୍ମ ସମ୍ପାଦନ।

**କୁମ୍ଭ**
କୂଟନୀତିରେ ଛନ୍ଦି ହେବେ, ଅନାକାଂକ୍ଷିତ ଭ୍ରମଣ ସୁଯୋଗ, ନୂତନ ସ୍ଥାନ ପରିଦର୍ଶନ, ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ଅର୍ଥ ସମ୍ପର୍କୀୟ ସମସ୍ୟା, ନିର୍ମାଣ କ୍ଷେତ୍ରରେ କଳହ, ମନ ଭାରାକ୍ରାନ୍ତ ରହିବ, ବୈବାହିକ କାର୍ଯ୍ୟର ତତ୍ପରତା, ସଂଘର୍ଷପୂର୍ଣ୍ଣ ପରିବେଶ।

**ମୀନ**
ନିୟନ୍ତ୍ରଣାଧୀନ ସ୍ୱାସ୍ଥ୍ୟ, ପାରିବାରିକ ବନ୍ଧୁ ଆସିବେ, ସହକର୍ମୀଙ୍କ ଆତ୍ମୀୟତା, ଲୋଭନୀୟ ପ୍ରତିଶ୍ରୁତି ପ୍ରାପ୍ତି, ସାମ୍ବାଦିକତାରୁ ଗୌରବ, ପବ୍ଲିକେଶନରେ ବିଳମ୍ବ, ଆଇନ ସହାୟତା, ସଙ୍ଗୀତ ସାଧନାରେ ଆଗ୍ରହ, ନବଜାତ ସନ୍ତାନ ଦର୍ଶନ, କର୍ମକ୍ଷେତ୍ରରେ ନୂତନ ଅଫର।

# ବାପାଙ୍କ ପାଇଁ ପଦେ

କୁହାଯାଏ, ମା' ଘରର ଗୌରବ ହେଲେ ବାପା ହେଉଛନ୍ତି ଘରର ଅସ୍ତିତ୍ୱ। ଘର କିମ୍ବା ପିଲାଙ୍କ ଉପରେ କୌଣସି ସଙ୍କଟ ଆସିଲେ ମା' ଆଖିରୁ ଅଶ୍ରୁଧାରା ବୋହିଲାବେଳେ ବାପା କିନ୍ତୁ ସେହି ସଙ୍କଟରୁ କେମିତି ମୁକ୍ତି ପାଇହେବ ସେଥିପାଇଁ ଧୈର୍ଯ୍ୟର ସହ ଉପାୟ ଚିନ୍ତା କରିଥାନ୍ତି। ସେହିପରି ପିଲାଙ୍କ ପେଟକୁ ଦାନା ଦେବା ପାଇଁ ମା' ରୋଷେଇଘରେ ଝାଳନାଳ ହୋଇ ରୋଷେଇ କରିଥାନ୍ତି ସତ, କିନ୍ତୁ ଜୀବନ ସାରା ଏହି



ଭୋଜନର ବ୍ୟବସ୍ଥା କରିବାରେ ବାପାମାନେ ଯେ କେତେ କଷ୍ଟ କରିଥାନ୍ତି ତାହାକୁ କେହି ସହଜରେ ବୁଝିପାରନ୍ତି ନାହିଁ। ତା'ଛଡ଼ା ଝୁଣ୍ଟି ପଡିଲାବେଳେ ଅଥବା ଶରୀରରେ ସାମାନ୍ୟ ଆଘାତ ପାଇଲେ ଆମ ପାଟିରୁ ସ୍ୱତଃ 'ମା'ଲୋ' ବୋଲି ଶବ୍ଦଟିଏ ବାହାରି ଆସିଥାଏ। କିନ୍ତୁ ଯେତେବେଳେ ମଣିଷ କୌଣସି ବଡ଼ ବିପଦର ସମ୍ମୁଖୀନ ହୁଏ ଅଥବା କୌଣସି ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଏ, ସେବେ ତାଙ୍କ ପାଟିରୁ 'ବାପ୍ ରେ' ବୋଲି ଶବ୍ଦ ଶୁଣିବାକୁ ମିଳିଥାଏ। ତେଣୁ ଏଥିରୁ ଅନୁମାନ କରିହୁଏ ଯେ, ଛୋଟ ଛୋଟ ସଙ୍କଟ ପାଇଁ ମା'ଙ୍କର ସାହାରା ନିଆଯାଉଥିବା ବେଳେ ବଡ଼ ସଙ୍କଟ ଆସିଲେ ଲୋକେ ବାପାଙ୍କୁ ହିଁ ମନେ ପକାଇଥାନ୍ତି। ସେଥିପାଇଁ କୁହାଯାଏ, ବାପାଙ୍କର ଭୂମିକା ହେଉଛି ଗୋଟିଏ ବଟ ବୃକ୍ଷ ଭଳି, ଯାହାଙ୍କର ଶୀତଳ ଛାଇ ତଳେ ପୂରା ପରିବାର ଖୁସିରେ କାଳାତିପାତ କରିଥାନ୍ତି। ତେଣୁ ପବିତ୍ର ପିତୃଦିବସ ଅବସରରେ ସମସ୍ତଙ୍କ ବାପାମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ପ୍ରଣାମ।

# ପାଠକୀୟ

*ସାରା ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିବା କରୋନା ଭାଇରସ୍‌ର ଜନ୍ମ ଯେପରି ରହସ୍ୟମୟ, ସେତିକି ବିସ୍ମୟକର। ପୁଣି ତାକୁ ନେଇ ଏବେ ଅସଂଖ୍ୟ ପ୍ରଶ୍ନବାଚୀ। ତେଣୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ବିବାଦରେ ଭାଇରସ୍' ଏକ ସୁନ୍ଦର ଆଲେଖ୍ୟ ଥିଲା। 'କରୋନା ସମୟରେ ଅତିଥିଙ୍କୁ ନିମନ୍ତ୍ରଣ କରିବେ କିପରି' ସେ ସମ୍ପର୍କରେ ଏଥରର ଛୁଟିଦିନରୁ ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସେହିପରି 'ବିଶ୍ୱାସକୁ ନେଇ କିଛି କଥା' ସମ୍ପର୍କିତ ଲେଖା ମଧ୍ୟ ମୋ ମନକୁ ବେଶ୍ ଛୁଇଁଗଲା। ***-ରାକେଶ ମହାନ୍ତି, ଖଣ୍ଡଗିରି, ଭୁବନେଶ୍ୱର***

*ଛୁଟିଦିନର ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ବିବାଦରେ ଭାଇରସ୍' ଏକ ସମୟୋପଯୋଗୀ ଆଲେଖ୍ୟ ଥିଲା। ଏଥିରୁ କରୋନା ଭାଇରସ୍ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିଲା। ସେହିପରି କୋଭିଡ୍-୧୯କୁ ମୁକାବିଲା ପାଇଁ ସାରା ପୃଥିବୀରେ ଚାଲିଥିବା ଟିକାକରଣ ବା ଭାକ୍ସିନେସନ୍‌ର ଚାପକୁ କିଛିଟା ହାଲ୍‌କା କରିବାକୁ ଏମିତି କିଛି ଅଜବ ଭାକ୍ସିନେସନ୍ ସେଣ୍ଟରର ଉଦ୍‌ଘାଟନ କରାଯାଇଛି, ଯାହାକୁ ଦେଖିଲେ ଆଶ୍ଚର୍ଯ୍ୟ ଲାଗିବ। ତେଣୁ ଛୁଟିଦିନରୁ ଏ ବିଷୟରେ ଜାଣି ଖୁସି ଲାଗିଲା। ***-ମନ୍ଦାକିନୀ ବରାଳ, ଫୁଲନଖରା, କଟକ***

*ବ୍ୟକ୍ତିତ୍ୱ ପୃଷ୍ଠାରୁ ଲୋକପ୍ରିୟ ଆକାଶବାଣୀ ଉପସ୍ଥାପକ ଶଙ୍କର୍ଷଣ ମଙ୍ଗରାଜଙ୍କ ସଂଘର୍ଷପୂର୍ଣ୍ଣ ଜୀବନି ସମ୍ପର୍କରେ ଅନେକ କିଛି ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସେହିପରି ସୃଜନ ପୃଷ୍ଠାରେ ସ୍ଥାନିତ 'ବିବାହ ବାର୍ଷିକୀ' ନାମକ ଗପଟି ମଧ୍ୟ ବେଶ୍ ମନଛୁଆଁ ହୋଇପାରିଥିଲା। ସିନେମା ପୃଷ୍ଠାଟି ମଧ୍ୟ ଖୁବ୍ ଆକର୍ଷଣୀୟ ଲାଗୁଥିଲା। ଖାସ୍‌କରି ଏଥିରେ ସ୍ଥାନିତ ଜାହ୍ନବୀ କପୁରଙ୍କ ଫଟୋଟି ଅତି ଆକର୍ଷଣୀୟ ହୋଇଥିଲା।
***-କିରଣବାଳା ମହାନ୍ତି, ସାକ୍ଷୀଗୋପାଳ, ପୁରୀ***

*ଏଥରର ପ୍ରଥମ ରୋଜଗାର ସ୍ତମ୍ଭରୁ ପୁରୀ ଯକ୍ଷ୍ମା ଓ ସଂକ୍ରମିତ ରୋଗ ହସ୍‌ପିଟାଲର ଅବସରପ୍ରାପ୍ତ ମେଡିକାଲ୍ ସୁପରିଣ୍ଟେଣ୍ଡେଣ୍ଟ ଡା.ଉମେଶ ଚନ୍ଦ୍ର ଚୌଧୁରୀଙ୍କ ରୋଜଗାର ସମ୍ପର୍କିତ ଅନୁଭୂତିଟି ଖୁବ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। ସେହିପରି ସାଥୀର ଉତ୍ତରଗୁଡ଼ିକ ମଧ୍ୟ ବେଶ୍ ରୋମାଣ୍ଟିକ୍ ଲାଗୁଥିଲା। 'ସୁନ୍ଦର ପକ୍ଷୀ' ଆଲେଖ୍ୟଟି ବି ଖୁବ୍ ଆକର୍ଷଣୀୟ ଲାଗୁଥିଲା। ଅନ୍ୟପକ୍ଷେ ମଡେଲ୍ ମିରର୍‌ରେ ଶୁଭଙ୍କରୀ ବହୁତ ସୁନ୍ଦର ଦେଖାଯାଉଥିଲେ।

***-ଦମୟନ୍ତୀ ରାଉଳ, ବାରିପଦା***

*ଧରିତ୍ରୀ ଛୁଟିଦିନର ମୁଁ ଜଣେ ବଡ଼ ପ୍ରଶଂସକ। ଏହାର ପ୍ରତିଟି ପୃଷ୍ଠା ମୋତେ ପଢ଼ିବାକୁ ଖୁବ୍ ଭଲ ଲାଗେ। ବିଶେଷକରି ଏହାର ସିନେମା, ବିବିଧା ଓ ବ୍ୟାକ୍‌ପେଜ୍ ପୃଷ୍ଠା ମୋର ଭାରି ପ୍ରିୟ। ସେହିପରି ପ୍ରତିଥରର ହାଃ ହାଃ ଓ କାର୍ଟୁନ କର୍ନର ମଧ୍ୟ ମୋତେ ଭାରି ଭଲ ଲାଗେ।

***-ରାଜେନ୍ଦ୍ର ସେଠୀ, ଡୁମୁଡୁମା, ଭୁବନେଶ୍ୱର***

## ବିଶେଷ ଚିଠି



ଧରିତ୍ରୀର ତୁମେ ପ୍ରିୟ ଛୁଟିଦିନ
ତୁମ ପରି ଆଉ କେହି ନୁହେଁ ସମ।
ପ୍ରଚ୍ଛଦ ତୁମର ଅତି ଚମତ୍କାର
ଜଣାଏ ନୂଆ ନୂଆ କଥା ଦୁନିଆର।
ସିନେମା କହେ ସେଲିବ୍ରିଟିଙ୍କ କଥା
ସାଥୀ ପୁଣି ଦିଏ ପ୍ରେମର ବାର୍ତ୍ତା।
ବିବିଧା ଓ ବ୍ୟାକ୍‌ପେଜ୍ ଜଣାଏ
ଦୁନିଆର ସବୁ ଅଜବ ଘଟଣା
ମନଖୋଲି ହସିବାକୁ ଏହା ପୁଣି
ଦିଏ ଅନେକ ପ୍ରେରଣା।

***-ରଜତ କୁମାର ଶତପଥୀ, ସାତଶଙ୍ଖ, ପୁରୀ***

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ବାପାଙ୍କୁ ଚିଠି

**ଗୋଟେ ଦମ୍ଭର ନାଁ, ଗୋଟେ ଅହଙ୍କାରର ନାଁ, ଗୋଟେ ଆଶ୍ରାର ନାଁ, ଗୋଟେ ନିରୀହ ଭଲପାଇବାର ନାଁ ବାପା। ହେଲେ କୌଣସି ସନ୍ତାନ କ'ଣ ସତରେ ବାପାଙ୍କୁ ଠିକ୍ ଭାବରେ ବୁଝି ପାରନ୍ତି! କେହି କେହି ବୁଝନ୍ତି ଯେତେବେଳେ ସେ ନିଜେ ବାପା ହୁଅନ୍ତି। ବୁଝନ୍ତି, ହେଲେ କହିପାରନ୍ତି ନାହିଁ, ଆଉ କେହି ବୁଝିବା ବେଳକୁ ବାପା ତାଙ୍କୁ ଛାଡି ଚାଲି ଯାଇଥାନ୍ତି ବହୁ ଦୂରକୁ । ଏକଥା ଊଣାଅଧିକେ ପ୍ରାୟ ପ୍ରତ୍ୟେକ ସନ୍ତାନଙ୍କ କ୍ଷେତ୍ରରେ ଘଟିଥାଏ । ଏଥର ପ୍ରଚ୍ଛଦରେ ଏମିତି କେତେଜଣ ସନ୍ତାନ ଅଛନ୍ତି ଯିଏ ତାଙ୍କ ମନର କଥା ଅବସୋସର କଥା, ଭଲପାଇବାର କଥା ଚିଠି ମାଧ୍ୟମରେ ଜଣାଇଛନ୍ତି ତାଙ୍କ ବାପାଙ୍କୁ...**

ପୃଥିବୀ ମାଆ ହେଲେ ବାପା ହେଉଛନ୍ତି ଆକାଶ। ଏମିତି ଶୁଣି ଆସିଛେ ଆମେ କାହିଁ କେବେଠାରୁ। ସତ କହିବାକୁ ଗଲେ ମାଆର ମମତାରେ ଆସ୍ଥା ହୋଇ ଠିଆ ହୁଅନ୍ତି ବାପା। ମୁଣ୍ଡରେ ବାପାଙ୍କର ହାତ ଅଛି ଭାବିଦେଲେ ସନ୍ତାନ କ'ଣ କେବେ କେଉଁଠି ଡରିଯାଏ! ପିଢ଼ିଗତ ବ୍ୟବଧାନ ଦେଖେଇଛି ଆଜି କେତେ ଅନ୍ତରଙ୍ଗ, କେତେ ବନ୍ଧୁଭାବାପନ୍ନ ଆଜିର ପିତା ଓ ସନ୍ତାନର ସମ୍ପର୍କ। କିନ୍ତୁ କେଇ ଦଶନ୍ଧି ତଳେ ବାପାଙ୍କୁ କିଛି କହିବା ପାଇଁ ପିଲାଟିଏ ସାହାରା ନେଉଥିଲା ମାଆର ପଣତ। ଏବେ ମାଆ ନୁହେଁ ବାପା ହିଁ ପ୍ରଥମ ମଣିଷ, ଯାହାଙ୍କ ସହ ପିଲାଟିଏ ବେଶ୍ ଆରାମରେ ଯେକୌଣସି କଥା କହିପାରୁଛି। ଅତୀତ ହେଉ କି ବର୍ତ୍ତମାନ ବ୍ୟବହାରର ମୋଡ଼ ବଦଳିଛି ସତ କିନ୍ତୁ ବାପା ବାପା ହୋଇ ରହିଛନ୍ତି , ରହିଥିବେ ଈଶ୍ୱର ସମ ନିଜ ପିଲାଙ୍କ ପାଇଁ।

## ଆପଣଙ୍କ ଅବର୍ତ୍ତମାନରେ ବୁଝୁଛି ଆପଣଙ୍କୁ

### (କଣ୍ଠଶିଳ୍ପୀ ଗୀତା ଦାଶଙ୍କ ଚିଠି ନନା ହରିହର ମିଶ୍ରଙ୍କୁ)

ନନା, ଆଜି ଆପଣ ମୋ ପାଖରେ ନାହାନ୍ତି, କିନ୍ତୁ ଜାଣିଛି ଯୋଉଠି ଥିଲେ ବି ମୋ ଉପରେ ଆପଣଙ୍କର ଆଶୀର୍ବାଦ ରହିଛି। ଆଜି ମୁଁ ଯୋଉଠି ଅଛି ଆପଣଙ୍କର ଆଉ ବୋଉର ଆଶୀର୍ବାଦ ବିନା କେବେ ସମ୍ଭବ ହୋଇ ନ ଥାନ୍ତା। କିନ୍ତୁ ଜାଣିଛନ୍ତି ନନା, ମୋର ପିଲାବେଳୁ ଗୋଟେ ଅଭିମାନ ଥିଲା ଆପଣଙ୍କର ଉପରେ। ସବୁବେଳେ ଭାବୁଥିଲି ମୁଁ ଗୀତ ଗାଏ ବୋଲି ଏକଥା ଆପଣ ଚାହାନ୍ତିନି। ଭାବୁଥିଲି ଯେ,ଗୀତରେ ମୁଁ ଯୋଉଠି ପହଞ୍ଚିଛି ତା' କେବଳ ବୋଉ ପାଇଁ। ଏକଥା ମୁଁ ଅନେକ ଥର ସର୍ବସମକ୍ଷରେ ସ୍ୱୀକାର ବି କରିଛି। ଗୀତ ଥିଲା ମୋର ସବୁଠୁ ପ୍ରିୟ। ସେଇଥି ପାଇଁ ବୋଧେ ଅଭିମାନଟା ଟିକେ ଅଧିକ ଥିଲା। ହେଲେ ଆଜି ମୁଁ ବୁଝିପାରୁଛି ମୁଁ ଭୁଲ ଥିଲି। ଆପଣଙ୍କୁ ବୁଝିବାରେ ବୋଧହୁଏ ମୋର ଭୁଲ ରହି ଯାଇଥିଲା। ମନେ ଅଛି ନନା, ଯେତେବେଳେ ମୁଁ ଖୁବ୍ ଛୋଟ ଥିଲି ରେଡିଓ ଭିତରେ କିଏ ଗୀତ ଗାଉଛି ଦେଖିବି ବୋଲି ରେଡିଓକୁ ଭାଙ୍ଗି ଦେଇଥିଲି। ଆପଣ ମୋ ଉପରେ ଖୁବ୍ ରାଗିବା କଥା, କିନ୍ତୁ ଆଦୌ ରାଗି ନ ଥିଲେ। ପୁଣି ଗୋଟେ ରେଡିଓ କିଣିକି ଆଣିଥିଲେ। ଆଉ ମତେ କଟକ ରେଡିଓ ଷ୍ଟେଶନ ନେଇକି ଯାଇଥିଲେ ଦେଖେଇବା ପାଇଁ ଯେ, କେମିତି ରେଡିଓ ଚାଲୁଛି ବୋଲି। ଆମେ ସେଦିନ ଶିଶୁ ସଂସାର ଭିତରକୁ ଯାଇଥିଲେ କେମିତି କାର୍ଯ୍ୟକ୍ରମ ତିଆରି ହେଉଛି ଦେଖିବା ପାଇଁ। ପୁଣି ମୋ ପାଇଁ ସଙ୍ଗୀତ ଗୁରୁ ବି ଆପଣ ଠିକ୍ କରିଥିଲେ, ଆଉ ପ୍ରତି ମୁହୂର୍ତ୍ତରେ ଗାଇଡ୍ ମଧ୍ୟ କରୁଥିଲେ। ତେଣୁ ମୁଁ ଗୀତ ଗାଏ ବୋଲି ଆପଣ ଚାହୁଁ ନ ଥିଲେ ସେଇଟା ମୋର ଭାବିବା ଭୁଲ ଥିଲା। କେମିତି ମୁଁ ଭାବୁଥିଲି କେଜାଣି। ଆପଣ ନ ଚାହିଁଥିଲେ କ'ଣ ମୁଁ ଆଜି ଯେଉଁଠି ଅଛି ସେଠାରେ ପହଞ୍ଚି ପାରିଥାନ୍ତି ? ଆପଣଙ୍କ ଆଶୀର୍ବାଦ ବିନା ଯେ ଏସବୁ ଆଦୌ ସମ୍ଭବ ହୋଇ ନ ଥାନ୍ତା, ଏକଥା ଏବେ ଖୁବ୍ ବୁଝୁଛି। ଆପଣ ମୋ ପାଇଁ କ'ଣ ଥିଲେ ଆପଣଙ୍କ ଅବର୍ତ୍ତମାନରେ ଏବେ ବେଶି ବେଶି ଭାବୁଛି।

## କ୍ଷମା କରିଦେବ ନନା (ସଂଳାପକାର ଡ. ରଜନୀ ରଞ୍ଜନଙ୍କର ଚିଠି ନନା ରବି ଦାଶ ଓରଫ କୌଶିକଙ୍କୁ)

ନନା ପ୍ରଣାମ ନେବ, ଆଉ ମତେ କ୍ଷମା କରିଦେବ, ବଞ୍ଚିଥିବା ଭିତରେ କ୍ଷମା ମାଗିବାର ସୁଯୋଗ ମିଳିଲାନି। ଯୋଉଥିପାଇଁ ମୁଁ ଭିତରେ ଭିତରେ ସବୁବେଳେ ଭାବି ହଉଛି। ନନା ତମକୁ ପ୍ରଥମେ କିନ୍ତୁ ବୁଝିବାରେ ମୋର ଭୁଲ ଥିଲା। କାହିଁକିନା, ପ୍ରଥମେ ପ୍ରଥମେ ମୁଁ ଯେତେବେଳେ ଗୀତ ଲେଖିଲି ତମେ ମତେ ବହୁତ ଗାଳି ଦେଉଥିଲ। ମୋ ଭାବନା ଥିଲା ଏୟା ଯେ 'ବୋଧହୁଏ ତମେ ଭାବୁଥିଲ ତମ ସହ ମୁଁ ଗୀତ ଲେଖାରେ ପ୍ରତିଦ୍ୱନ୍ଦିତା କରୁଛି।' କାହିଁକିନା ମୋ ଗୀତକୁ ନେଇ ତମେ କେବେ ପ୍ରଶଂସା କରିବା ମୁଁ ଶୁଣି ନ ଥିଲି। ଏପରି ହୋଇଥିଲା ଗୋଟିଏ ଚଳଚ୍ଚିତ୍ରରେ ଆମେ ଦୁହେଁ ଏକାଠି ଗୀତ ଲେଖୁଥିଲୁ। କିନ୍ତୁ ସେଇ ଦିନ ମୋର ସେ ଧାରଣା ଦୂର ହେଲା ଯୋଉଦିନ ତମେ ଟିଭି ଇଣ୍ଟରଭ୍ୟୁରେ କହିଥିଲ ବୁଗୁଲା (ମୋ ଡାକ ନାଁ) ଦିନ ଥିଲା ତୁ ମୋ ପରିଚୟ ନେଇ ବଞ୍ଚିଥିଲୁ, ହେଲେ ଆଜି ମୁଁ ତୋ ବାପର ପରିଚୟ ନେଇ ଗର୍ବ କରୁଛି। ମୋ ଆଖିରେ ଲୁହ ଜକେଇ ଆସିଥିଲା। ଅନେକ ଗୀତରେ ମୁଁ ତମ ଗୀତର ଲାଇନକୁ ଚୋରି କରିଛି, ଭାବିଥିଲି ତମ ଋଣ ଶୁଝିଦେବି ବୋଲି। ହେଲେ ମତେ ସେ ସୁଯୋଗ ଦେଲନି। ତମ ଗୀତଗୁଡିକୁ ବହି କରି ଛପେଇ ପାରିଲିନି। ମୃତ୍ୟୁ ସମୟରେ ବି ହସ୍‌ପିଟାଲରେ ତମ ପାଇଁ ଖର୍ଚ୍ଚ କରିବାର ଅହଙ୍କାରକୁ ମୋର ଆଡେଇ ଦେଇ ଚୁପଚାପ୍ ଖସି ଚାଲିଗଲ।

ଚେଷ୍ଟା କରିବା ସତ୍ତ୍ୱେ ବି ' କୁହୁଡ଼ି ନଦୀର ମୀନମାନେ ଶୁଣ ଗଙ୍ଗା ବହୁଛି ଧୀରେ' ପରି ତମ ଗୀତ ପଦେ ମୁଁ ଲେଖି ପାରିଲିନି। ତମକୁ ଅତିକ୍ରମ କରିପାରିଲି ନାହିଁ ବୋଲି ତ ତମେ ମୋ ନନା। ତମ ଋଣ ଶୁଝିବା ପାଇଁ ଆଉ ଗୋଟେ ଜନ୍ମ ଅପେକ୍ଷାରେ।

→











ଅସୀମ ବସୁଙ୍କ ସହ ଝିଅ ଭାସ୍ୱତୀ



ଡ. ରାଜନୀରଞ୍ଜନ ଓ ବାପା ରବି ଦାସ (କୌଶିକ)


କୃଷ୍ଣ କୁମାର ମହାନ୍ତି

## ତମେ ଥିବା ବେଳେ ଥିଲା ଅଭିମାନ, ଯିବା ପରେ କେବଳ ଶୂନ୍ୟତା (ଅଭିନେତ୍ରୀ ଭାସ୍ୱତୀ ବସୁଙ୍କ ଚିଠି ବାବୁଜୀ ଅସୀମ ବସୁଙ୍କୁ)

ବାବୁଜୀ, ତୁମେ ତ ଜାଣ ଯେ ଚିଠି ଲେଖିବା ମୋ ପାଇଁ କେତେ କଷ୍ଟକର କାମ। କଲମ ଧରିବାକୁ କହିଲେ ମୋ ହାତ ବ୍ୟଥା ହୁଏ। ହେଲେ ଆଜି ତୁମ ପାଖକୁ ଲେଖୁଛି। ଲେଖୁଛି କାରଣ ମୁହଁ ଖୋଲି କେବେ କହି ପାରିନି। ଆମେ ପ୍ରଚୁର ଗପୁଥିଲେ, ସାରା ଦୁନିଆ ବିଷୟରେ, ଛୁଞ୍ଚିରୁ ହାତୀ ଯାଏଁ... ତଥାପି କେତେ କଥା ଅକୁହା ରହିଗଲା ନା! ମୁଁ କ'ଣ କେବେ କହିପାରିଲି ଯେ ତୁମ ଦେହର ବାସ୍ନା ମୋର କେତେ ପସନ୍ଦ ଥିଲା! ସିଗାରେଟ ଆଉ ଝାଳ ମିଶା ଗୋଟେ ପୁରୁଷାଳୀ ବାସ୍ନା। ସିଗାରେଟ ଛାଡ଼ିଦେଇଥିଲ ବହୁତ ବର୍ଷ ଆଗରୁ, ତଥାପି ମୁଁ ସିଗାରେଟ ବାସ୍ନା ପାଉଥିଲି। ବୋଧହୁଏ ଏଥିପାଇଁ ଯେ ସେଇଟା ମୋ ପିଲାଦିନର ସ୍ମୃତିର ବାସ୍ନା। ସେତେବେଳେ ତୁମେ ଅଲଗା ରହୁଥିଲ। ମୁଁ ପଚାରିନି କାହିଁକି ବୋଲି। ମନରେ ପ୍ରଶ୍ନ ଆସୁଥିଲା କିନ୍ତୁ ପଚାରିଲା ବେଳେ କେମିତି ଗୋଟେ ସଙ୍କୋଚ ପାଟିକୁ ମାଡ଼ି ଦଉଥିଲା। ତୁମ ପାଖରେ ଉତ୍ତର ବି ତ ନଥିଲା।


ଛାଡ଼ ସେକଥା। ମୋର ମନେ ଅଛି ମୁଁ ସୁଯୋଗ ପାଇଲା ମାତ୍ରେ ଛୁଟି ଯାଉଥିଲି ତୁମ ପାଖକୁ। ତୁମେ ବସାରେ ନଥିଲେ ତୁମ ଖଟ ଉପରେ ଶୋଇ ଅପେକ୍ଷା କରୁଥିଲି। ତୁମ ବିଛଣା ସାରା ବୋଳି ହେଇ ରହୁଥିଲା ତୁମର ବାସ୍ନା। ମତେ ଲାଗୁଥିଲା ସତେ ଯେମିତି ମୁଁ ତୁମ କୋଳରେ ଶୋଇଛି। ହେଲେ ତୁମ ସାଙ୍ଗରେ ଦେଖା ହେଇଗଲେ କେବେବି ତୁମ କୋଳକୁ ଯାଇ ପାରିନି। ଏଠି ବି ସେଇ ସଙ୍କୋଚ। ଛୋଟ ପିଲାଙ୍କ ଗହଣରେ ତୁମେ ଖୁବ୍ ପପୁଲାର ଥିଲ। ସବୁ ଛୁଆ ତୁମର ଫ୍ୟାନ ଥିଲେ। ତୁମେ ମ୍ୟାଜିକ କରି ଖାଲି ପାପୁଲିରେ ଆଣି ପାରୁଥିଲ ଚକୋଲେଟ। ବାଣ୍ଟି ଦଉଥିଲ ସେମାନଙ୍କ ଭିତରେ। ମୁଁ ଦୂରରୁ ଦେଖୁଥିଲି। ବିଶ୍ୱାସ କର, ଖୁବ୍ ଲୋଭ ଥିଲା ସେଇ ଚକୋଲେଟ ଉପରେ। କିନ୍ତୁ ମୁହଁ ଖୋଲି ମାଗିନି କେବେବି। ହସ ହସ ମୁହଁରେ କେବଳ ଦେଖିଛି। ଦୁର୍ବଳ ସିଂକୁ ମନେ ଅଛି? ଖୁବ୍ ସୁନ୍ଦର ଦେଖିବାକୁ ଛୋଟିଆ ପିଲାଟିଏ। କିନ୍ତୁ ଏତେ ଦୁର୍ବଳ, ପତଳା ଯେ ଚାଲି ବି ପାରୁ ନ ଥିଲା। ତୁମକୁ ଦେଖିଲା ମାତ୍ରେ ତା' ମୁହଁରେ ଚହଟି ଯାଉଥିଲା ହସ। ତୁମେ ହିଁ ତା' ନାଁ ଦେଇଥିଲ 'ଦୁର୍ବଳ ସିଂ'। ବାହାରୁ ଆସି ତାକୁ କୋଳରେ ଧରି ବସୁଥିଲ। କବିତା ଶୁଣଉଥିଲ। ମୁଁ ବି ସବଳ ନଥିଲି। ଇଚ୍ଛା ହଉଥିଲା ଆହୁରି ଦୁର୍ବଳ ହବା ପାଇଁ। ଖୁବ୍ ଝାପ୍ସା ମନେ ପଡ଼େ, ଖୁବ୍ ସାନବେଳେ ମତେ ବହୁତ ଜ୍ୱର ହେଇଥିଲା। ପିଇସୀଙ୍କ ଘର ପାଖରେ ଡାକ୍ତର ଥିଲେ। ପିଇସା ମତେ ତାଙ୍କ ଘରକୁ ନେଇ ଗଲେ। ସଞ୍ଜ ବେଳେ ଯେବେ ଆଖି ଖୋଲିଲି ଭାରି କାନ୍ଦିଲି। କାହିଁକି କେଜାଣି, ମା' ମା' ନ କହି ବାବୁଜୀ ବାବୁଜୀ ହେଇ କାନ୍ଦିଲି। ତୁମ ପାଖକୁ ଖବର ଗଲା। ତୁମେ ଆସି ମତେ କୋଳରେ ଉଠେଇ କହିଲ –'କଣ ହେଇଛି? କାହିଁକି କାନ୍ଦୁଛ?' ମୁଁ ତୁମ କାନ୍ଧରେ ମୁହଁ ରଖି ଶୋଇଗଲି। ତୁମ କୋଳର ସ୍ମୃତି। ଏକମାତ୍ର ସ୍ମୃତି। ତୁମ ଜୀବନର ଶେଷ କିଛି ବର୍ଷ କିନ୍ତୁ ଆମେ ଖୁବ ପାଖାପାଖି ଥିଲେ। ନୁହଁ? ପୂଜା ପାଖେଇ ଆସିଲେ ଆସୁଥିଲା ପୂଜାସଂଖ୍ୟା। ମୁଁ କେବେବି କିଣୁନଥିଲି। ସେଇଟା ଥିଲା ତୁମ କାମ। ବହି ଆଣି ସାରି ମତେ ଫୋନ୍ କରୁଥିଲ –'ତୋ ଖାଦ୍ୟ ଆସିଯାଇଛି। ଆ'। ଆମେ ବହିତକ ଭାଗ ବାଣ୍ଟି ପଢ଼ୁଥିଲେ। ପଢ଼ି ସାରିଲା ପରେ ଚାଲୁଥିଲା ଆଲୋଚନା।

ତୁମ ପାଖରେ ମୁଁ ସବୁ କହି ପାରୁଥିଲି। କିଛି ସଙ୍କୋଚ ନଥିଲା। ଥରେ ଜଣେ ବରିଷ୍ଠ ଅଭିନେତାଙ୍କ ପାଦ ଛୁଇଁଲା ପରେ ତାଙ୍କର ହାତ ଆଶୀର୍ବାଦ ଛଳରେ ଟିକେ ଅମାନିଆ ହେଇଥିଲା। କେତେ ସହଜରେ ମୁଁ ସେକଥା ତୁମକୁ କହିଥିଲି। ତୁମେ କହିଥିଲ –'ଅଧିକାଂଶ ପୁରୁଷ ବୁଝନ୍ତିନି ଯେ ଝିଅମାନେ ସ୍ପର୍ଶ ଚିହ୍ନି ପାରନ୍ତି।' ନାରୀମାନଙ୍କ ପ୍ରତି କି ଶ୍ରଦ୍ଧା ଥିଲା ତୁମର! ମତେ ଖୁବ୍ ଭଲ ଲାଗୁଥିଲା ତୁମର ଉଦାର ମନୋଭାବ।

ବେଳେ ବେଳେ ଭାବେ ଏତେ ନିଃସଙ୍କୋଚରେ ମୁଁ ତୁମକୁ ଏତେ କଥା କହୁଥିଲି କିନ୍ତୁ ନିଜ ଅଭିମାନ ବିଷୟରେ ଏତେ ସଙ୍କୋଚ କାହିଁକି ଥିଲା? କାହିଁକି କେବେ ମୁହଁ ଖୋଲି କହିନି କିଛି? ହୁଏତ ମୁଁ ମୁହଁ ଖୋଲିଥିଲେ ତୁମେ ବି ହୃଦୟ ଖୋଲି ଥାଆନ୍ତ।

ତୁମ ସାନ୍ନିଧ ସମ୍ପୂର୍ଣ୍ଣ ଭାବରେ ଅନୁଭବ କରିବା ବେଳେ, ତୁମ ପାଖାପାଖି ଆସିବା ବେଳେ ହିଁ ମୁଁ ତୁମକୁ ହରେଇ ଦେଲି। ମୋ ଆଖି ସାମ୍ନାରେ, ଶେଷ ଥର ପାଇଁ ମୋ ଆଖିରେ ଆଖି ମିଶେଇ ହଜିଗଲ ତୁମେ। ତୁମ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ମୁଁ ତୁମ ପାଖରେ ଥିଲି। ସେତକ ହିଁ ମୋର ପ୍ରାପ୍ତି। ତୁମେ ଥିଲା ବେଳେ ଖୁବ୍ ଅଭିମାନ ଥିଲା, ହେଲେ ତୁମେ ଯିବା ପରେ ରହିଗଲା କେବଳ ଶୂନ୍ୟତା।

ଏ ଶୂନ୍ୟତାକୁ ଭରିବାର ଶକ୍ତି କାହାରି ପାଖରେ ନାହିଁ ବାବୁଜୀ। ଏ କେବଳ ତୁମ ମୋ ଭିତରର କଥା। ଭଲରେ ଥାଅ ବାବୁଜୀ। ପୁଣି ଥରେ ଜନ୍ମ ନିଅ। ଏବେଠାରୁ ଜନ୍ମ ନେଲେ ସିନା ମୁଁ ପୁଣି ଥରେ ତୁମ ଝିଅ ହେଇ ଜନ୍ମ ନେଇ ପାରିବି। ସେତେବେଳେ କିନ୍ତୁ ଆଉ ଚୁପ ରହିବିନି। ଏମିତି କାନ୍ଦିବି ଯେ ତୁମେ କୋଳକୁ ନବାକୁ ବାଧ ହବ।


ଶୈଳଜ ରବିଙ୍କ ସହ ପୁତ୍ର ଅଭିଜ୍ଞାନ ସାହୁ

## ଥ୍ୟାଙ୍କ୍ ୟୁ ବାବା (ସାହିତ୍ୟିକ କୃଷ୍ଣ ମହାନ୍ତିଙ୍କ ଚିଠି ବାବା ହରିପଦ ମହାନ୍ତିଙ୍କୁ)


ବାବା, ମୋର ପ୍ରଣାମ ନେବ। ଏ ଚିଠି ଲେଖିବାର ଅଭିପ୍ରାୟ କ'ଣ ମୁଁ ଜାଣେନା। କିନ୍ତୁ ମୋତେ ଚିଠିଟିଏ ଲେଖିବାର ଥିଲା। ଲେଖି ପାରୁନଥିଲି। କିନ୍ତୁ ମନ ଭିତରେ ସବୁବେଳେ ତୁମେ ଥାଅ, ଗୋଟେ ଭଲ ବାପା ହୋଇ। ବାସ୍। ବାବା ତୁମର ମନେଥିବ ଯେ ଆମର ସେ ପୁରୁଣା ଘରେ, ଯେଉଁଠି କେବଳ ତୁମ ମାଆ ରହୁଥିଲେ, ଆମ୍ବ ଓ କାଜୁର ବଗିଚା ଥିଲା ସେ ଜାଗା, ସେଠାକୁ ମୁଁ ଅଳି କରୁଥିଲି ଯିବି ବୋଲି। ତୁମେ ତ ମନା କରୁଥିଲ। କାରଣ ସେ ଘର ଆମେ ରହୁଥିବା ଘର ଠୁ ତିନି ଚାରି କିଲୋମିଟର ଦୂର ଥିଲା। ମୋତେ ସାଇକେଲରେ ବସେଇ ଏତେ ବାଟ ନେବାକୁ ତୁମେ ଚାହୁଁ ନଥିଲ। ମୁଁ ମୁହଁ ଶୁଖେଇ ବସୁଥିଲି। କିନ୍ତୁ ତୁମେ ପାଚିଲା ଆମ୍ବ ଅଖାରେ ପୂରେଇ ସାଇକେଲ୍ ପଛ କ୍ୟାରିୟରରେ ବାନ୍ଧି ଫେରୁଥିଲ। ସେତେବେଳେ ମୁଁ ବୁଝୁଥିଲି ମୋତେ ନେଇଥିଲେ ତୁମେ ହଇରାଣ ହୋଇଥାନ୍ତ। ତେବେ ବାଡିର ପାଚିଲା ଆମ୍ବର ବାସ୍ନାରେ ମୋ ମନର ଜମାଟବନ୍ଧା ଅଭିମାନ, ରାଗ ମେଘ ପରି ଉଭେଇ ଯାଉଥିଲା। ମୁଁ ଖୁସି ହେଇ ଯାଉଥିଲି। କିନ୍ତୁ କେବେ ଥ୍ୟାଙ୍କ୍ ୟୁ କହିପାରିନି ଯଦିଓ ଇଚ୍ଛା ହେଉଥିଲା। ଆଜି ଏ ଚିଠିରେ କହୁଛି, ଥ୍ୟାଙ୍କ୍ ୟୁ ବାବା।


ହରିହର ମିଶ୍ରଙ୍କ ସହ ଝିଅ ଗୀତା ଦାଶ

ମୁଁ ପିଲାବେଳେ ଦୁଷ୍ଟ ନଥିଲି। ତମେ କିନ୍ତୁ ଅନ୍ୟ ତିନି ପୁଅ ଅପେକ୍ଷା ମୋତେ ବେଶି ଭଲ ପାଉଥିଲ। ଏମିତି ମୋର ହୃଦ୍‌ବୋଧ ହେଉଥିଲା। ସତ ନା ? କିନ୍ତୁ ଅନେକ କଥାରେ ମୋ ପ୍ରତି ତୁମର ସଫ୍ଟକର୍ଣ୍ଣର ଥିବାର ମୁଁ ଦେଖିଛି। ତୁମେ କିନ୍ତୁ ନୀରବରେ ଏସବୁ କରୁଥିଲ। କାରଣ ତୁମର ଆଉ ତିନି ପୁଅ ବି ତ ଥିଲେ। ସେମାନେ ଟେର୍ ସୁଦ୍ଧା ନ ପାଆନ୍ତୁ ଯେ ତୁମର ମୋ ପ୍ରତି ଭଲପାଇବା ଅଧିକ ଅଛି। ମୋତେ କେବେ କେବେ ବଜାର ବୁଲେଇ ନେଉଥିଲ, ନିଜର ସେ ହର୍କୁଲେସ୍ ସାଇକେଲ୍ ପଛ କ୍ୟାରିଅରରେ ବସେଇ। ଦିନେ ଦେଖିଲା ବେଳକୁ ତୁମେ ସେ କ୍ୟାରିୟରକୁ ଚଟକା ମୋଟା ଲୁହାପିଢାରେ ବଦଳାଇ ଦେଇଛ। ସେଥିରେ ବସିବାକୁ ଆରାମ ହେଉଛି। ଘରୁ ବାଲେଶ୍ୱର ସହର ଯିବା ଆସିବା ୩୨ କିଲୋମିଟର ବାଟ। ମୁଁ ସାଇକେଲ୍ ସହ ମିଳୁଥିବା ରଡ୍ ବାଲା କ୍ୟାରିୟରରେ ବସିଲେ ପିଚା କାଟିବ ବୋଲି ତମେ ନିଜେ ଅଫିସରୁ ଏ ପ୍ରକାର ଏକ ଲୁହାପିଢା ବାଲା କ୍ୟାରିୟର୍ କରେଇଥିଲ, ପରେ ବୁଝିଲି ମୁଁ ଯେତେବେଳେ ସେ କ୍ୟାରିୟରରେ ବସି ଫରକ ଅନୁଭବ କଲି। ସେତେବେଳେ ସତ କହୁଛି ବାବା ପଛ ଆଡୁ ତମକୁ କୁଣ୍ଢେଇ ଥ୍ୟାଙ୍କ୍ ୟୁ କହିବାକୁ ଖୁବ୍ ଇଚ୍ଛା ହେଉଥିଲା। କିନ୍ତୁ ଡରୁଥିଲି ତୁମକୁ। ତେଣୁ ଆଜି ଏ ଚିଠିରେ ଲେଖୁଛି : ଥ୍ୟାଙ୍କ୍ ୟୁ ବାବା।

ବାବା, ତୁମେ ଯେଉଁଦିନ ଦରମା ପାଉଥିଲ ସେଦିନ ମୋର ବହୁତ ଖୁସି। କାହିଁକି ଜାଣିଛ ? କାରଣ ମୁଁ କେତେଥର ତୁମର ମନିପର୍ସରୁ କଡକଡିଆ ନୋଟ୍ କାଢିଛି ଓ ଶୁଙ୍ଘିକି ରଖିଦେଇଛି। ମୋତେ ନୂଆ କଡକଡିଆ ନୋଟ୍‌ର ଗନ୍ଧ ବହୁତ ଭଲ ଲାଗୁଥିଲା। ଏବେ ବି ଲାଗେ। ଏ ପ୍ରକାର କରୁ କରୁ ଦିନେ ତମ ପର୍ସରୁ ଏକଟଙ୍କିଆ ଦଶଟି ନୋଟ୍ ବାହାର କରି ଶୁଙ୍ଘିଲି ସତ କିନ୍ତୁ ପର୍ସରେ ୱାପସ୍ ରଖିଲି ନାହିଁ। ଭାବିଲି ଏତେ ଟଙ୍କା ଭିତରୁ ତୁମେ ଜାଣି ପାରିବନି। ସେଇଟା ମୋର ହେଇଯିବ। ସତକୁ ସତ ଦୁଇ ଚାରିଦିନ ବିତିଗଲା ପରେ ବି ତୁମେ ଖୋଜିଲନି। ମୁଁ ଖୁସି ହେଲି। ସ୍କୁଲ୍ ଖେଳଛୁଟିରେ ସେଦିନ ବୋନସ୍ ଖିଆ ହେଇଥିଲା। ସତ କହିଲ ବାବା, ତୁମେ କଣ ଜାଣି ପାରୁନଥିଲ ତୁମ ପକେଟରୁ ମୁଁ ଚୋରି କରିଛି ବୋଲି ନା ଜାଣି ମଧ୍ୟ ଚୁପ୍ ରହୁଥିଲ ?

→





ଆଜି କିନ୍ତୁ ଖୁବ୍ ଖରାପ ଲାଗୁଛି ସେମିତି କାହିଁକି ମୁଁ କରୁଥିଲି। ତମେ ଆମର ଦଶ ଜଣିଆ ସଂଯୁକ୍ତ ପରିବାର ପ୍ରତିପୋଷଣ ପାଇଁ ଦରମା ଟଙ୍କା ସାରି ଆଉ କିଛି ଧାର୍ କରଜରେ ରହୁଥିଲ, ଏକଥା ବି ସେତେବେଳେ ମୁଁ ଦେଖୁଥିଲି। ତୁମେ କେବେ ହାର୍ ମାନିବା ଦେଖିନାହିଁ। ସଂସାରକୁ ଶେଷଯାଏଁ ସୁନ୍ଦର ଭାବେ ଚଳେଇଥିଲ। ତୁମର ସେଇ ପକେଟରୁ ଚୋରି କରିଥିବା କଥାଟି ଆଜି ବି ଭୁଲିନି ମୁଁ। ଆଜି କିନ୍ତୁ ଏ ଚିଠି ଲେଖା ମାଧ୍ୟମରେ କ୍ଷମା ଚାହୁଁଛି ବାବା : ମୋ ଭୁଲ୍ ମାଫ୍ କରିଦିଅ।

ଥରେ ତୁମେ ଆମ ପଡୋଶୀ ଭୂଷଣ ଅଙ୍କଲଙ୍କ ପାଖରେ କାକୁସ୍ଥ ହୋଇ ପଚାଶଟି ଟଙ୍କା ମାଗିଥିଲ ମୋ ପାଇଁ। ସେଦିନ ଥିଲା ମୋ ମାଟ୍ରିକ ପରୀକ୍ଷା ଫର୍ମ ଫିଲପ୍‌ର ଶେଷ ତାରିଖ। ବାବା ତୁମ ପାଖରେ ୫୦ ଟଙ୍କା କମ୍ ଥିଲା। ତୁମେ ମୋ ପାଇଁ ଛୁଟି ଯାଇଥିଲ ସେଇ ଭୂଷଣ ଅଙ୍କଲଙ୍କ ପାଖକୁ। ସେ ଅବଶ୍ୟ ଦେଇଥିଲେ। ତାପରେ ତୁମେ ମୋତେ ସାଇକେଲ୍‌ରେ ବସେଇ ସ୍କୁଲ୍ ଯାଇଥିଲ। ବାଟସାରା ମୁଁ ଦୁଃଖୀ ହୋଇଥିଲି। 'ଭଗବାନ ତୁମେ ମୋତେ ଏମିତି ଅଭାବୀ ବାପା ଦେଲ କାହିଁକି' ବୋଲି ଭାବୁଥିଲି। କିନ୍ତୁ ବାବା ତୁମ ପରି କେୟାରିଂ ବାବା ଆଉ କେହି ହୁଅନ୍ତେ ନାହିଁ ମୁଁ ଜାଣେ। ଏବେ ତ କହିବି, ଏମିତି ବାପା ସବୁ ଜନ୍ମରେ ମିଳନ୍ତୁ। ସେଇ ଘଟଣା ପାଇଁ ଆଜି ଏଇ ଚିଠି ଲେଖା ମାଧ୍ୟମରେ ବାବା ତୁମକୁ ଥ୍ୟାଙ୍କ୍ ୟୁ କହୁଛି।

ବାବା ତୁମେ ଶର୍ଟ ଟେମ୍ପର୍ଡ ଥିଲ। ଯେତେ ଶୀଘ୍ର ରାଗୁଥିଲ ସେତେ ଶୀଘ୍ର ଥଣ୍ଡା ପଡୁଥିଲ। ଅନୁଶାସନରେ ରଖୁଥିଲ। ଭୟ ଥିଲା ତୁମକୁ ଅସମ୍ଭବ। ଅନେକ କଥା କହି ପାରିନି। ନୀରବରେ ସେସବୁ କଥା ପଥର ପାଲଟି ଯାଇଛନ୍ତି। ତେବେ ବାବା ଗୋଟିଏ କଥା ମନେ ପଡୁଛି। ଆମେ ଖାଇବାକୁ ବସିଲା ବେଳେ ସାଙ୍ଗରେ ବସୁଥିଲୁ। ତମେ କିନ୍ତୁ ଆଗ ଖାଇ ସାରି ଉଠି ଯାଉଥିଲ। ମୁଁ ତୁମରି ସାଇଡରେ ବସୁଥିଲି। ତୁମେ ଉଠିଗଲା ମାତ୍ରେ ତୁମ ଥାଳିରେ ଟିକେ ତରକାରି ଛାଡି ଯାଉଥିଲ ଆଉ ମୁଁ ତାକୁ ଉଠେଇ ଆଣୁଥିଲି। ମୋ ପାଇଁ ହିଁ ତୁମେ ଜାଣିଶୁଣି ଛାଡି ଯାଉଥିଲ ତରକାରି। ମୁଁ ସେତେବେଳେ ଭାବୁଥିଲି ଖାଇପାରିନଥିବ ଛାଡି ଦେଇଗଲ। କିନ୍ତୁ ଏବେ ବୁଝୁଛି, ତମେ ମୋ ପାଇଁ ଛାଡୁଥିଲ। କେତେ ଖାଇଥିବି ମୁଁ। ସେପାଇଁ ବି ଆଜି ଥ୍ୟାଙ୍କ୍ ୟୁ କହୁଛି ବାବା।

୧୯୯୩ରେ ତୁମେ ଆଖି ବୁଜିଦେଲ ମୋରି ସାମ୍ନାରେ। ମୋ ହାତରୁ ଟୋପେ ପାଣି ପିଇଲ, ତାପରେ ନୀରବ। ମୁଁ ସେଦିନ ରାତିରେ ଅନୁଭବିଲି ତୁମକୁ। ଝରଝର ହୋଇ ଲୁହ ବୋହୁଥାଏ। ତୁମ ପାଇଁ 'ମୃତ୍ୟୁ' ଶୀର୍ଷକ କବିତାଟେ ଲେଖିଥିଲି ସେଦିନ। ସେ କବିତା ଏବେବି ଅପ୍ରକାଶିତ। କାରଣ ସେ କବିତାକୁ ଆଉଁଷିଛି ତ ବାବା ତୁମକୁ ଅନୁଭବ କରିଛି।

ତୁମର ବହିଭର୍ତ୍ତି ଘର ମୋତେ ପଢାପଢି ଭିତରକୁ ନେଇଛି। ମୁଁ ପ୍ରଚୁର ବହି ପାଇଛି ତମଠୁ। ତୁମେ ଲେଖକ ନଥିଲ, ପଢୁଥିଲ। ତୁମର ସୁନ୍ଦର ହ୍ୟାଣ୍ଡରାଇଟିଙ୍ଗ୍ ମୋର ଲୋଭ ବଢ଼ାଇଥିଲା। ମୁଁ ମଧ୍ୟ ଭଲ ହାତ ଅକ୍ଷର ଲେଖିବାକୁ ଆରମ୍ଭ କରିଥିଲି। ପଢାପଢିରୁ ଲେଖାଲେଖି ଭିତରକୁ ଆସିଗଲି। ମୋର ଲେଖା ପ୍ରକାଶ ପାଉଥିଲେ ତୁମକୁ ଦେଖାଉନଥିଲି, ଡରିକି। ଗାଳିଦେବ ବୋଲି। କିନ୍ତୁ ମାଆ ତୁମକୁ କହୁଥିଲେ ତ ମୁଁ ଶୁଣିଛି ତମେ କହୁଥିବାର : ଲେଖୁଛି ତ ଲେଖୁ। କିନ୍ତୁ ପଢୁ ସେ ବେଶି। ବାବା ତୁମର ଏତିକି କଥାରେ ମୁଁ ଖୁସି ହୋଇଯାଉଥିଲି। ତୁମର ମୋର ସାମ୍ନାସାମ୍ନି କେବେ କଥା ହେଇନୁ। କିନ୍ତୁ ଆମେ ବୁଝୁଥିଲୁ ପରସ୍ପରକୁ। ମୋତେ ଗୋଟେ ଭଲ ଉତ୍ତରାଧିକାରୀ ଦେଇଥିବାରୁ 'ଥ୍ୟାଙ୍କ୍ ୟୁ ବାବା'।

## ତୁମର ହାତ ମୋ ମୁଣ୍ଡରେ ଅଛି ସେହି ମୋର ଦମ୍ଭ


### (ବ୍ୟଙ୍ଗକାର ଅଭିଜ୍ଞାନ ସାହୁଙ୍କ ଚିଠି ବାବା ଶୈଳଜ ରବିଙ୍କୁ)


ବାବା, ମୋତେ ଚିଠି ଲେଖିବାକୁ କେବେ ପଡିନି ତୁମ ପାଇଁ। କିନ୍ତୁ ଦିନକେ ସହସ୍ର ସଂଳାପ ମୋ ମନରେ ତୁମ ଉଦ୍ଦେଶ୍ୟରେ ଥାଏ। ତୁମେ ଏଭଳି ଏକ ଉଚ୍ଚତାରେ ଥାଅ ଯେଉଁଠି କି ଆଖି ଉଠେଇ ଚାହିଁବାକୁ ମୋତେ ସାହସ ଖୋଜିବାକୁ ପଡ଼େ । ରେଭେନ୍ସାରେ ପଢୁଥିବା ସମୟରେ ମୁଁ ବ୍ୟବସାୟ କରିବାକୁ ଚାହେଁ ବୋଲି ତୁମେ ତୁମର ଜଣେ ବନ୍ଧୁଙ୍କଠାରୁ ଜାଣି ମୋତେ ଡାକି କହିଥିଲ, ''ଯଦି ବ୍ୟବସାୟ କରିବାକୁ ଇଚ୍ଛା ତେବେ ସେ ବିଷୟରେ ଏବେଠୁ ଚିନ୍ତା କରିବା ଉଚିତ।'' ସେତେବେଳେ ଅଭିବାବକ ଓ ଶିକ୍ଷକମାନଙ୍କ ପାଇଁ ଉଦ୍ଦିଷ୍ଟ 'Parents and Pedagogues' ନାମକ ତୁମ ସମ୍ପାଦିତ ଇଂଲିସ ପତ୍ରିକା ଶିକ୍ଷା ଓ ସାହିତ୍ୟ ଜଗତରେ ସ୍ୱତନ୍ତ୍ର ସ୍ଥାନ ନେଇଥାଏ । ସମ୍ପାଦକ ଏବଂ ପିତା ଭାବରେ ତୁମେ ମୋତେ ସେହି ସମୟରେ ଗୋଟିଏ ମଣିଷ ଭଳି ଲାଗିଥିଲ । ପାଠପଢ଼ା ବୟସରେ ବ୍ୟବସାୟ ପାଇଁ ମୋତେ ଉତ୍ସାହିତ ନ କରିବାକୁ ଶୁଭେଚ୍ଛୁ ଏବଂ ନିକଟ ସମ୍ପର୍କୀୟମାନେ ତୁମ ଉପରେ ଚାପ ପକେଇବା ମୋର ମନେ ଅଛି । ତୁମେ ତୁମର ଆଦର୍ଶ ନବକୃଷ୍ଣ ଚୌଧୁରୀ, ମନମୋହନ ଚୌଧୁରୀ ଓ ଚିତ୍ତରଞ୍ଜନ ଦାସଙ୍କ ଭଳି ତଥାକଥିତ ଶିକ୍ଷାୟତନୀୟ ଶିକ୍ଷା ପ୍ରତି ବୀତସ୍ପୃହ ଥିଲ । ନିଜେ ଖୁବ ଭଲ ଛାତ୍ର ଥିଲେ ମଧ୍ୟ ବାଣୀବିହାରରେ ନୃତତ୍ତ୍ୱ ବିଦ୍ୟାରେ ଉପାଧ୍ୟୁତ୍ତର ଶିକ୍ଷା ଅଧାରୁ ଛାଡି ସର୍ବୋଦୟ ଆନ୍ଦୋଳନରେ ଯୋଗ ଦେଇଥିଲ । ତେଣୁ ତୁମେ ମୋର ଇଚ୍ଛାକୁ ଗୁରୁତ୍ୱ ଦେଲ । ତୁମଠାରୁ ଏବଂ ଚିତ୍ତରଞ୍ଜନ ଦାସଙ୍କଠାରୁ ପ୍ରେରଣା ପାଇ ମୁଁ ଶିକ୍ଷାଳୟ ପୋଥିରେ ଡୋରି ବାନ୍ଧି କେବଳ ଜ୍ଞାନ ଅର୍ଜନକୁ ପ୍ରାଧାନ୍ୟ ଦେଲି । ପାରମ୍ପରିକ ବ୍ୟବସାୟଠାରୁ କିଛି ଅଲଗା କରିବାକୁ ଚାହୁଁଥିଲି । କିନ୍ତୁ କଣ କରିବି ସେ ନେଇ ଦ୍ୱନ୍ଦ୍ୱରେ ଥିଲି । ମୋ ଭିତରେ ଥିବା ଏହି ଅନ୍ତର୍ଦ୍ୱନ୍ଦ୍ୱକୁ ବୁଝି ତୁମେ ମୋତେ ବିଭିନ୍ନ ଜାଗାକୁ ଯାଇ ସଫଳ ବ୍ୟବସାୟୀଙ୍କ ସହ ମିଶି ନିଜ ପାଇଁ ନିଜେ ନିଷ୍ପତ୍ତି ନେବାକୁ ପ୍ରବର୍ତ୍ତେଇ ଥିଲ। ତୁମର ଆସ୍ଥା ମୋତେ ଭାରତର ଜଣାଶୁଣା ବ୍ୟବସାୟୀଙ୍କ ସହ କଥା ହେବାର ନିର୍ଭୀକତା ଦେଇଥିଲା। ଆଖିରେ ବିରାଟ ସ୍ୱପ୍ନମାନ ତିଆରି କରି ତାକୁ ସାକାର କରିବାର ଅଦ୍ଭୁତ ଶକ୍ତି ଦେଇଥିଲା । ତୁମ ପ୍ରଦତ୍ତ ମନୋବଳ ଏବଂ ସହଯୋଗ ନେଇ ସେଥିରେ ଅର୍ଜିତ ଅନୁଭୂତି ଏବଂ ଅଧ୍ୟବସାୟ ମିଶେଇ ମୁଁ ବ୍ୟବସାୟରେ ମନୋନିବେଶ କରିଛି । ବିଭିନ୍ନ ବିଷୟରେ ତୁମର ବ୍ୟାପକ ଅଧ୍ୟୟନ ଓ ତାକୁ ଆତ୍ମସ୍ଥ କରିବାର ଗୁଣଟି ମୋତେ ପିଲାଟି ଦିନରୁ ବେଶ ଆକର୍ଷିତ କରିଛି ଓ ପ୍ରଭାବିତ କରିଛି । ନାଟକ, ଲୋକ ସଙ୍ଗୀତ, ଶାସ୍ତ୍ରୀୟ ସଙ୍ଗୀତ, ଚିତ୍ରକଳା ଅଧ୍ୟୟନ କରିବା ସହ ବିଭିନ୍ନ ଭାଷା ଶିଖିବାରେ ମୋର ଆଗ୍ରହକୁ ତୁମେ ନିଜର ଗଠନମୂଳକ ମତ ଦ୍ୱାରା ଅନେକ ସମୟରେ ଉତ୍ସାହିତ କରିଛ। ପୁଣି ମୋର ଗ୍ରହଣ କରିବାର ପ୍ରକ୍ରିୟାରେ ତ୍ରୁଟି ଦେଖି ଅନେକ ସମୟରେ ଅସମ୍ଭବ ବିରକ୍ତ ବି ହୋଇଛ। ଗତ ତିନି ଦଶନ୍ଧି ଧରି ବିଭିନ୍ନ ପତ୍ରପତ୍ରିକାରେ ମୋର ପ୍ରବନ୍ଧ , ରମ୍ୟରଚନା , ଗଳ୍ପ ପ୍ରକାଶିତ ହୋଇ ଆସୁଥିଲେ ହେଁ ତୁମ ଆଖିରେ ମୁଁ ତଥାପି ଅପରିପକ୍ୱ । ମୋର ଅଧିକାଂଶ ଲେଖାର ତୁମେ ଜଣେ କଠୋର ସମାଲୋଚକ । ଆଜିକା ଦିନରେ ମୋର କୌଣସି ଲେଖାଟିକୁ ଭଲ ବୋଲି କହିଦେଲେ ମୁଁ ଛୋଟ ଛୁଆ ଭଳି ଖୁସିରେ କୁରୁଳି ହୋଇଯାଏ । ସେଭଳି ଆନନ୍ଦ ବହୁତ କମ ମୋ ପାଖକୁ ଆସିଛି। ମୋର କେବଳ ଲେଖା ନୁହେଁ, ମୋର ଜୀବନଚର୍ଯ୍ୟାର ତୁମେ ଜଣେ କଠୋର ସମାଲୋଚକ । ତୁମ ଚାହିଁବା ଭଳି ନିଜକୁ ଗଢୁ ଗଢୁ ତୁମ ଭଳି ହେବା କେତେ କଷ୍ଟକର ବ୍ୟାପାର ମୁଁ ସବୁ ସମୟରେ ବୁଝେ । ନିଜ ଭଳି ନିଜେ ହୁଅ ବୋଲି ନିଜକୁ ସାନ୍ତ୍ୱନା ଦିଏ । ତୁମେ ଲେଖିବା ଅପେକ୍ଷା ନିଜ ଲେଖାରେ ଦେଉଥିବା ବାର୍ତ୍ତା ନିଜ ଜୀବନରେ ଆଚରଣ କର, ସେ ଉପଦେଶ କାର୍ଯ୍ୟକାରୀ କରିବା ହୁଏତ ସବୁବେଳେ ସମ୍ଭବ ହୁଏ ନାହିଁ । ତୁମେ ନିଜେ ପ୍ରଶଂସାମୂଳକ ମୂଲ୍ୟାୟନଠାରୁ ଦୂରରେ ଥାଅ। ତୁମ ବାବା-ବ୍ୟକ୍ତିତ୍ୱଟି ମନେ ପଡିଲେ ଆଉ ତାଙ୍କ ସହ ନିଜର ବାପ-ବ୍ୟକ୍ତିତ୍ୱର ତୁଳନା କଲେ ଲାଗେ ଅଭିଭାବକ ହିସାବରେ ତୁମେ ମୋତେ ନିର୍ଭୀକତା, ଆତ୍ମ-ସମ୍ମାନବୋଧ,ସାଧୁତା ଓ ସ୍ୱାଧୀନତାକୁ ଯେପରି ଚିହ୍ନେଇଛ ମୁଁ ସେପରି ଏଯାଏ କରିପାରିନାହିଁ । ଶୃଙ୍ଖଳାଜ୍ଞାନ ଏବଂ ସାମାଜିକ ମୂଲ୍ୟବୋଧକୁ ନେଇ ତୁମେ ଯେତିକି ଦୃଢ଼ ସେତିକି ଅଧୈର୍ଯ୍ୟ ଭାବରେ କାନ୍ଦିପାର ଉଚ୍ଚକୋଟୀର ଜୀବନବୋଧର ଆଲୋଚନା ବେଳେ । ମୋତେ ଅନେକ ସମୟରେ ଆଶ୍ଚର୍ଯ୍ୟ ଏବଂ ଗର୍ବିତ କରାଏ ଯେ ମୋ ବାବା କେବଳ ମୋ ବାବା ଭଳି ଏକଦମ ସ୍ୱତନ୍ତ୍ର । ତୁମ ଅହଂକାରକୁ ମୁଁ ବହୁତ ଭଲ ପାଏ ବାବା । କୌଣସି ପରିପ୍ରେକ୍ଷୀରେ ସେହି ଅକପଟ ଅହଂକାରରେ ଆଂଚୁଡ଼ା ଦାଗଟେ ମଧ୍ୟ ଏହି ପୁଅ ସମ୍ଭାଳି ପାରିବନି । ପ୍ରାଚୁର୍ଯ୍ୟ ଭିତରେ ବଢିଥିଲେ ବି ତୁମେ ମୂଲ୍ୟବୋଧ ସହ କେବେ ସାଲିସ କରିଥିବା ମୁଁ ଜାଣେ ନାହିଁ । ଯାହା ଯଥାର୍ଥ ଏବଂ ସଠିକ ତୁମେ ବୁଝିଥାଅ ସେଥିରେ ତୁମେ ଅଡିବସ କୌଣସି ଚାପ ସହ ସାଲିସ ନକରି । ଆଉ ଗୋଟେ କଥା କହି ରଖେ ବାବା, ଅଭିଭାବକ ହିସାବରେ ଆଜି ଆମେମାନେ ପିଲାଙ୍କୁ ପ୍ରାଚୁର୍ଯ୍ୟ ତ ଦେଉଛୁ କିନ୍ତୁ ମୂଲ୍ୟବୋଧ ଦେଇପାରୁନୁ । ନିର୍ଭୀକତା ଶିଖାଇ ପାରୁନୁ । ସେମାନଙ୍କୁ ସେମାନଙ୍କ ହାତରେ ଛାଡି ଦେଇ ପାରୁନୁ । ସେଥିପାଇଁ ନିଜ ବାପାପଣିଆକୁ ନେଇ ମୋର ଘୋର ଅବସୋସ ଅଛି । ତୁମର ହାତ ମୋ ମୁଣ୍ଡରେ ଅଛି ସେହି ମୋର ଦମ୍ଭ ।

ପ୍ରକୃତରେ ବାପା ହାତ ଧରି ଚାଲିବା ଶିଖାନ୍ତି ସିନା, ଦେଖାନ୍ତିନି ସେ ଭିତରେ ସେ କେତେଥର ପଡ଼ି କ୍ଷତାକ୍ତ ହୋଇଛନ୍ତି। ଦୁନିଆକୁ ଚିହ୍ନାନ୍ତି। କହନ୍ତିନି ସେ ଭିତରେ କେତେ ଥର ତାଙ୍କ ଆଖିରୁ ଲୁହ କି ଲହୁ ବୁହାଇଛନ୍ତି। ସେଇଥିପାଇଁ କିଏ ଜଣେ କହିଥିଲେ, ଶୁଝି ହୁଏନି ପିତୃଋଣ। ଯଦି ଶୁଝିବାକୁ ଚାହଁ ତେବେ ନିଜେ ପିତା ହୋଇଯାଅ।

-ରୋଜାଲିନ୍ ମହାନ୍ତି







# ‘ସେବାରୁ ଆତ୍ମତୃପ୍ତି’



**ମହାବାତ୍ୟା ସମୟରେ ଲୋକଙ୍କୁ ସାହାଯ୍ୟର ହାତ ବଢାଇଥିବା ଦିଲୀପ ୪ ହଜାରରୁ ଊର୍ଦ୍ଧ୍ୱ ଗ୍ରହଣ ଖଣ୍ଡିଆ, ୧୨ ହଜାରରୁ ଅଧିକ ମୋତିଆବିନ୍ଦୁ ଅପରେଶନ କରାଇଥିବା ବେଳେ ୯ ହଜାରରୁ ଅଧିକ ହେଲ୍‌ଥ କ୍ୟାମ୍ପ କରାଇଛନ୍ତି। ଏବେ ସେ କରୋନା ରୋଗୀଙ୍କୁ ଖାଦ୍ୟ ଦେବା ସହ କରୋନା ମୃତକଙ୍କ ଶବ ସତ୍କାର ଦାୟିତ୍ୱ ବି ନେଇଛନ୍ତି..**

୧୯୯୯ ମସିହା ମହାବାତ୍ୟା ସମୟରେ ସହାୟତାର ହାତ ବଢ଼ାଇଥିଲେ ଦେଶ ବିଦେଶର ବହୁ ସଂସ୍ଥା। ଏଥିରେ ଚେନ୍ନାଇସ୍ଥିତ ଉତ୍କଳ ଆସୋସିଏଶନ ସହ ସତ୍‌ସଙ୍ଗ ସାମିଲ ହୋଇଥିଲା। ଏହି ରିଲିଫ ଟିମ୍‌ର ନେତୃତ୍ୱ ନେଇଥିଲେ ଜଣେ ଯୁବ ଇଞ୍ଜିନିୟର। ଭିନ୍ନ ଭିନ୍ନ ସ୍ଥାନରେ ବାତ୍ୟା ବିପନ୍ନଙ୍କ ସେବାରେ ଉତ୍ସର୍ଗ କରିଥିଲେ ନିଜକୁ। ଆଉ ସେଇଠି ନିଷ୍ପତ୍ତି ନେଲେ ବାକି ଜୀବନକୁ ସେବାରେ ସମର୍ପିତ କରିବେ। ତା’ପରେ ଚାକିରି ଛାଡ଼ି ଆଦରିନେଲେ ସେବା କ୍ଷେତ୍ରକୁ। ସେବା ମାଧ୍ୟମରେ ଆତ୍ମତୃପ୍ତି ଲାଭ କରୁଥିବା ସେହି ବ୍ୟକ୍ତିତ୍ୱ ହେଲେ ଇଂ. ଦିଲୀପ କୁମାର ପଟ୍ଟନାୟକ।

ବାଲେଶ୍ୱର ଜିଲା ଔପଦା ବ୍ଲକ୍‌ର ଡିମ୍‌ପୁରାରେ ୧୯୬୭ ଜୁଲାଇ ୨୪ରେ ତାଙ୍କର ଜନ୍ମ। ପିତା ଅବସରପ୍ରାପ୍ତ ଶିକ୍ଷକ କୃତିବାସ ପଟ୍ଟନାୟକ ଓ ମା’ଙ୍କ ନାମ ନିର୍ମଳା ପଟ୍ଟନାୟକ। ଗାଁ ସ୍କୁଲରେ ପଢୁଥିବାବେଳେ ତାଙ୍କ ସେବା ମନୋଭାବର ପରିଚୟ ମିଳିଥିଲା। ପରବର୍ତ୍ତୀ ସମୟରେ ବାଲେଶ୍ୱରସ୍ଥିତ ଫକୀର ମୋହନ ମହାବିଦ୍ୟାଳୟରେ ବି.ଏସ୍‌ସି. ଛାତ୍ର ଥିବାବେଳେ ଇଞ୍ଜିନିୟରିଂ ପଢ଼ିବା ଲାଗି ସ୍ଥିର ହେଲା। ବଡ଼ଭାଇ ପ୍ରଦୀପ ତାଙ୍କ ପାଠପଢ଼ା ଦାୟିତ୍ୱ ନେଲେ। ଚେନ୍ନାଇରେ ଇଞ୍ଜିନିୟରିଂ ପଢ଼ା ସହ କୋଚିଂରେ ବି ସୁନାମ ଅର୍ଜନ କଲେ ସେ। ଶିକ୍ଷା ସମାପ୍ତି ପରେ ୧୯୯୧ରେ ୱିପ୍ରୋ କମ୍ପାନୀରେ ଆରମ୍ଭ ହେଲା ଚାକିରି ଜୀବନ।

ଜନସେବା ଲାଗି ନିଷ୍ପତ୍ତି ନେବା ବେଳକୁ ସେ ଏକ ଜାପାନୀ କମ୍ପାନୀରେ ଚାକିରି କରୁଥିଲେ। ଚାକିରି ଛାଡ଼ିବାର କିଛି ମାସ ମଧ୍ୟରେ ଭୁବନେଶ୍ୱରରେ ପ୍ରତିଷ୍ଠା ହେଲା ଶ୍ରୀଶ୍ରୀବଡ଼ଦା ହସ୍ପିଟାଲ। ଏହାର ପରିଚାଳନା ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ ହୁଏ। ଚାଲେ ସେବା କାର୍ଯ୍ୟ। ଏ ସମ୍ପର୍କରେ ଦିଲୀପ କୁହନ୍ତି, ଏହି ଅନୁଷ୍ଠାନର କାର୍ଯ୍ୟ ମୋ ପାଇଁ ପ୍ରେରଣା ପାଲଟିଗଲା। ଅବଶ୍ୟ ବିନା ପାରିଶ୍ରମିକରେ କାର୍ଯ୍ୟ କରୁଥିବାରୁ କିଛିବର୍ଷ ପରେ ସଞ୍ଚିତ ଅର୍ଥ ସରିଗଲା। ଅନ୍ୟ କାର୍ଯ୍ୟ କରିବା ଲାଗି ସମ୍ପର୍କୀୟଙ୍କ ଚାପ ବି ବଢ଼ିଲା। ୨୦୦୬ରେ ଭୁବନେଶ୍ୱର ନୟାପଲ୍ଲୀଠାରେ ୟୁନିଟ୍ ହେଲ୍‌ଥ କେୟାର ନାମରେ ଏକ ସଂସ୍ଥା ଆରମ୍ଭ କଲି। ବିଶେଷ ଭାବେ ଏଠାରେ ଚକ୍ଷୁ ଚିକିତ୍ସାର ବ୍ୟବସ୍ଥା କରାଗଲା। ସେବାକାର୍ଯ୍ୟକୁ ବ୍ୟାପକ କରାଇବା ଲକ୍ଷ୍ୟନେଇ ୨୦୦୭ରେ ‘ନିର୍ମଳା-କୃତି-ବିକାଶ’ ଟ୍ରଷ୍ଟ ଗଠନ କଲି। ପ୍ରାରମ୍ଭିକ ପର୍ଯ୍ୟାୟରେ ଖୋର୍ଦ୍ଧା, ପୁରୀ, ନୟାଗଡ ଏବଂ ଜଗତ୍‌ସିଂହପୁର ଜିଲାରେ ଟ୍ରଷ୍ଟ ପକ୍ଷରୁ ଭ୍ରାମ୍ୟମାଣ ହେଲ୍‌ଥ କ୍ୟାମ୍ପ ଆୟୋଜିତ ହେଲା। ଚକ୍ଷୁ ସମେତ ଅନ୍ୟ ରୋଗର ଚିକିତ୍ସା ଚାଲିଲା।

ତାଙ୍କର ସେବା କାର୍ଯ୍ୟ ଦେଖି ୨୦୧୦ରେ କଳାହାଣ୍ଡିର ଲାଞ୍ଜିଗଡ଼ସ୍ଥିତ ଏକ ଘରୋଇ କମ୍ପାନୀ ହସ୍ପିଟାଲର ପରିଚାଳନା ଦାୟିତ୍ୱ ତାଙ୍କୁ ମିଳେ। ସେ ସମୟରେ ଅବିଭକ୍ତ କେବିକେ ଜିଲାରେ ମ୍ୟାଲେରିଆ ଉତ୍କଟ ରୂପ ଧାରଣ କରିଥାଏ। ଏହାକୁ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରି ସେ ତାଙ୍କର ଅଭିଯାନ ଆରମ୍ଭ କଲେ। ବହୁ ରୋଗୀ ଆରୋଗ୍ୟ ହେଲେ। ୬ ବର୍ଷ ମଧ୍ୟରେ ସେହି ହସ୍ପିଟାଲରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ଶୂନ୍‌ରେ ପହଞ୍ଚିବା ସୂଚିତ କରନ୍ତି ଦିଲୀପ। ହସ୍ପିଟାଲ କାର୍ଯ୍ୟ ସହ ସେ ଅଞ୍ଚଳରେ ତାଙ୍କର ‘ହେଲ୍‌ଥ କ୍ୟାମ୍ପ’ ବି ଚାଲିଥାଏ। ଏହି ସମୟରେ ଆଦିବାସୀଙ୍କ ଜୀବନ ଜୀବିକା ବିଷୟରେ ପରିଚିତ ହୁଅନ୍ତି ସେ। ଆମ୍ବାଦୋଳା ଷ୍ଟେଶନରେ ଓହ୍ଲାଇ ଲାଞ୍ଜିଗଡ଼ ଯାତାୟାତ କରନ୍ତି। ସେହି ଷ୍ଟେଶନ ନିକଟରୁ କଳାବତୀ ନାମ୍ନୀ ଜଣେ ଆଦିବାସୀ ମହିଳାଙ୍କଠାରୁ ନିୟମିତ ପରିବା କିଣିବା ମଧ୍ୟରେ ପରିଚୟ ବଢ଼େ । ଏପରି କି ସେ ଦିଲୀପଙ୍କୁ ‘ଧରମ ପୁଅ’ କରନ୍ତି। ପ୍ରକୃତ ପକ୍ଷେ କଳାବତୀ ଥିଲେ ଗ୍ରହଣ ଖଣ୍ଡିଆ। ଚିକିତ୍ସା ମାଧ୍ୟମରେ ଏହାକୁ କିଭଳି ଠିକ୍ କରାଯାଇପାରିବ ସେହି କଥା ତାଙ୍କୁ ବିଚଳିତ କରୁଥିଲା। ଯେତେ ବୁଝାଇଲେ ବି ଭୁବନେଶ୍ୱର ଆସିବା ଲାଗି ସେ ଆଦୌ ରାଜି ହୋଇ ନ ଥିଲେ। ଏ ବିଷୟରେ ସ୍ୱର୍ଗତ ଡା. ଅନୁପମ ତ୍ରିପାଠୀଙ୍କୁ ଜଣାଇବା ପରେ ସହାୟତା ଲାଗି ସେ ଆଗ୍ରହ ପ୍ରକାଶ କଲେ। ତାଙ୍କର ମେଡିକାଲ ଟିମ୍ ସହ ସେଠାକୁ ଯାଇ କଳାବତୀଙ୍କ ଗ୍ରହଣ ଖଣ୍ଡିଆର ଅପରେଶନ କରାଇଲେ। ଦୀର୍ଘ ଦିନରୁ ମୋ ଭିତରେ ବସା ବାନ୍ଧିଥିବା ବ୍ୟସ୍ତତା କଳାବତୀଙ୍କ ନୂଆ ଚେହେରା ଦେଖିବା ପରେ ଆତ୍ମତୃପ୍ତିରେ ଭରିଗଲା ବୋଲି କୁହନ୍ତି ଦିଲୀପ। ଏହା ପରେ ସେହି ଅଞ୍ଚଳରେ ମୋତିଆବିନ୍ଦୁ ସହ ଗ୍ରହଣଖଣ୍ଡିଆ ଚିକିତ୍ସା ବି ଚାଲିଲା। ପରବର୍ତ୍ତୀ ସମୟରେ ଗ୍ରହଣ ଖଣ୍ଡିଆ ବ୍ୟକ୍ତିଙ୍କ ଚିକିତ୍ସା ଲାଗି ଆମେରିକୀୟ ସଂସ୍ଥା ‘ସ୍ମାଇଲ୍’ ସହାୟତାର ହାତ ବଢ଼ାଇଲେ ।

ଅବହେଳିତ ବୃଦ୍ଧ ମାତାପିତାଙ୍କ ମୁହଁରେ ହସ ଫୁଟାଇବା ପାଇଁ ଭୁବନେଶ୍ୱର ଉପକଣ୍ଠ ଗିରିଙ୍ଗାପୁଟଠାରେ ‘ନିର୍ମଳାଳୟ’ ନାମରେ ଏକ ପିତୃମାତୃ ଗୃହର ନିର୍ମାଣ କାର୍ଯ୍ୟ ଚଳାଇଛନ୍ତି। ଏଠାରେ ନିରାଶ୍ରୟ ପିଲାଙ୍କୁ ମଧ୍ୟ ରଖାଯିବ। ଫଳରେ ଉଭୟ ବୟସ୍କ ବ୍ୟକ୍ତି ଏବଂ ଏହି ପିଲାଙ୍କ ମଧ୍ୟରେ ଏକ ଆବେଗିକ ସମ୍ପର୍କ ସ୍ଥାପନ ହୋଇପାରିବ। ଅର୍ଥବାଧକ ସାଜୁଥିଲେ ବି ଏହି କାର୍ଯ୍ୟ ଯଥାଶୀଘ୍ର ଶେଷ ହେବ ବୋଲି ସେ ଆଶାବାଦୀ। ବର୍ତ୍ତମାନ ସୁଦ୍ଧା ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟରେ ୪ ହଜାରରୁ ଊର୍ଦ୍ଧ୍ୱ ଗ୍ରହଣ ଖଣ୍ଡିଆ, ୧୨ ହଜାରରୁ ଅଧିକ ମୋତିଆବିନ୍ଦୁ ଅପରେଶନ କରାଇଥିବା ବେଳେ ୯ ହଜାରରୁ ଅଧିକ ହେଲ୍‌ଥ କ୍ୟାମ୍ପ କରାଇଥିବା କୁହନ୍ତି ଦିଲୀପ।

ଲାଞ୍ଜିଗଡ଼ ହସ୍ପିଟାଲର କାର୍ଯ୍ୟ ଛାଡ଼ିଥିଲେ ବି ଆଦିବାସୀଙ୍କ ଜନଜୀବନ ତାଙ୍କୁ ବେଶ୍ ପ୍ରଭାବିତ କରିଛି। ଆଦିବାସୀ କଳାକୃତିର ପ୍ରୋତ୍ସାହନ ପାଇଁ ସେମିନାର ସହ ପ୍ରଦର୍ଶନୀର ଆୟୋଜନ କରି ଆସୁଛନ୍ତି ସେ। ପୁଣି ସେମାନଙ୍କ ଜୀବନ ଜୀବିକାକୁ ନେଇ ‘ସାଉଁଟା କାହାଣୀ’ ନାମରେ କେତେକ ଗଳ୍ପ ଲେଖିଛନ୍ତି। ତାଙ୍କ କାହାଣୀକୁ ନେଇ ୨୦୧୬ରେ ‘ବାପା’ ନାମରେ ୧୨ ମିନିଟ୍ ଅବଧିର ଏକ ଶର୍ଟ ଫିଲ୍ମ ପ୍ରସ୍ତୁତ କରିଥିଲେ। ଏହାର ନିର୍ଦ୍ଦେଶକ ଥିଲେ ମାନସ ପରିଡ଼ା। ୨୦୧୭ରେ ପ୍ରସ୍ତୁତ ୩୦ ମିନିଟ୍ ଅବଧିର ଶର୍ଟ ଫିଲ୍ମ ‘ମା – କାହାଣୀ ପ୍ରତି ଘରର’କୁ ଗୋଆ ଏବଂ ପୁଣେ ଫିଲ୍ମ ଫେଷ୍ଟିଭାଲରେ ଜୁରୀ ଓ କଳା ନିର୍ଦ୍ଦେଶନା କ୍ଷେତ୍ରରେ ପୁରସ୍କାର ମିଳିଥିଲା। ୨୦୧୮ରେ ୪୫ ମିନିଟ୍‌ର ଶର୍ଟ ଫିଲ୍ମ ‘ସିନ୍ଦୂର-ରଙ୍ଗ ସ୍ୱୀକୃତିର’ ପରେ ଚଳିତ ବର୍ଷ ଆଉ ଏକ ଶର୍ଟ ଫିଲ୍ମ‘ବନ୍ଧନ-ଏକ ଉତ୍ତର ଦାୟିତ୍ୱର’ପ୍ରସ୍ତୁତି ଲାଗି ତାଙ୍କର ଲକ୍ଷ୍ୟ ରହିଛି।

ଗତବର୍ଷ କରୋନା କାୟା ବିସ୍ତାର କଲା। ମହାମାରୀ ସମୟରେ ରାତିରେ ଟ୍ରେନରୁ ଓହ୍ଲାଇବା ପରେ ବହୁ ଲୋକ ଦୀର୍ଘ ସମୟ ଧରି ଭୁବନେଶ୍ୱର ଷ୍ଟେଶନ ବାହାରେ ଗାଡ଼ିକୁ ଅପେକ୍ଷା କରି ରହୁଥିଲେ। ଏହିଭଳି ଅନେକ ଲୋକଙ୍କୁ ସେଠାରୁ ନିଜ ଗାଡ଼ିରେ ନେଇ ସେମାନଙ୍କ ଘରେ ପହଞ୍ଚାଇବାର ବ୍ୟବସ୍ଥା କରିଥିଲେ। ଆଉ ଅନେକ କରୋନା ମୃତକଙ୍କୁ ନେଇ ଶ୍ମଶାନରେ ସତ୍କାରର ବ୍ୟବସ୍ଥା କରାଇଛନ୍ତି। ଏବେ ପୁଣି କରୋନାର ଦ୍ୱିତୀୟ ଲହର ଚାଲିଛି। ଆଇସୋଲେଶନରେ ରହୁଥିବା ପୀଡ଼ିତ ତଥା ହସ୍‌ପିଟାଲରେ କରୋନା ରୋଗୀଙ୍କ ଆଟେଣ୍ଡାଣ୍ଟଙ୍କ ପାଇଁ ରନ୍ଧା ଖାଦ୍ୟର ବ୍ୟବସ୍ଥା କରୁଛନ୍ତି । ଏଥିସହ ଏଥର ଅଧିକ ସଂଖ୍ୟାରେ କରୋନା ମୃତକଙ୍କ ସତ୍କାରରେ ସମୟ ବିତାଉଛନ୍ତି। ତାଙ୍କର ଏଭଳି କାର୍ଯ୍ୟକୁ ପତ୍ନୀ, ପୁତ୍ର ଓ କନ୍ୟା ପୂର୍ଣ୍ଣ ସହଯୋଗ କରିଆସୁଛନ୍ତି।

‘‘ସବୁଦିନ ନୂଆ ନୂଆ ସମସ୍ୟାକୁ ସାମ୍ନା କରିବାକୁ ପଡୁଛି। ତଥାପି ‘ଛାଡ଼ ନାହିଁ, ଏହି ଅମ୍ଳାନ ଚେଷ୍ଟାହିଁ ତୁମକୁ ମୁକ୍ତି ଆଡ଼କୁ ନେଇଯିବ।’ ମୋର ଗୁରୁ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଏହି ବାଣୀ ମୋ ଲକ୍ଷ୍ୟ ଦିଗରେ ଅଗ୍ରସର ହେବାରେ ସହାୟକ ହୋଇଛି। ସେବାରୁ ଯେଉଁ ଆନନ୍ଦ ମିଳୁଛି, ତାହା ପୁଣି ଆଗକୁ ବଢିବା ପାଇଁ ପ୍ରେରଣା ଯୋଗାଉଛି ବୋଲି ବ୍ୟକ୍ତ କରନ୍ତି ଦିଲୀପ ।

**– ବୀରଭଦ୍ର ବିଶ୍ୱାଳ**











# ରୂପାନ୍ତର

**–ସଞ୍ଜୟ ଭଞ୍ଜ**

**ଚା**ରିଥର ସରପଞ୍ଚ ଓ ଥରେ ବ୍ଲକ ଚେୟାରମ୍ୟାନ୍ ହୋଇ ପାରିଥିବା ଆମ ଗାଁ ନଣ୍ଡା ତ୍ରିପାଠୀଙ୍କର ଭାରି ଖାତିର ଥିଲା ଆମ ଅଞ୍ଚଳରେ। ନଣ୍ଡା ତ୍ରିପାଠୀ ନିଜ ଅପାଠୋଇ ସ୍ତ୍ରୀ ସରଦେଈଙ୍କ ନାଁରେ ଆମ ଗାଁରେ ପ୍ରତିଷ୍ଠା କରିଥିଲେ ଏକ ବାଳିକା ଉଚ୍ଚ ବିଦ୍ୟାଳୟ, ଯେଉଁଠାରୁ ଏବେ ପ୍ରତିବର୍ଷ ଦୁଇ ତିନି ଜଣ ଝିଅ ରାଜ୍ୟସ୍ତରରେ ପାଠରେ ଖୁବ୍ ନାଁ କରୁଛନ୍ତି। ଆମ ଗାଁ ଛକକୁ ଗାଁ ଲୋକେ ନଣ୍ଡା ତ୍ରିପାଠୀଙ୍କ ନାଁରେ ନାମକରଣ କରିସାରିଛନ୍ତି ଅନେକ ଦିନରୁ, ନଣ୍ଡା ଛକ ନାଁରେ।

ନଣ୍ଡା ତ୍ରିପାଠୀଙ୍କ ଏକମାତ୍ର ପୁତ୍ର ଜଗନ ତ୍ରିପାଠୀ ଓରଫ ଜଗୁଭାଇ ବାରମ୍ବାର ମାଟ୍ରିକ୍ ଫେଲ୍ ହେଲା ପରେ ଛୋଟମୋଟ ଠିକାଦାରି କାମ କରନ୍ତି ଏବଂ ବାପା ଛାଡ଼ି ଯାଇଥିବା ଚାରିବାଟି ସମ୍ପତ୍ତିର ଦେଖାଶୁଣା ମଧ୍ୟ କରନ୍ତି। ଜଗୁଭାଇ ଛଅ ଫୁଟ ଉଚ୍ଚତାର ଏକ ଦୀର୍ଘଦେହୀ ମଣିଷ। ରାତିରେ ବୁଲେଟ୍ ଶବ୍ଦ ହେଲେ ଆମେମାନେ ଜାଣୁ ଜଗୁଭାଇ ଘରକୁ ଫେରୁଛନ୍ତି ଏବେ।

ଜଗୁଭାଇଙ୍କ ସ୍ତ୍ରୀ ପ୍ରଭାଦେବୀ ଆଜିକାଲି ଆମ ଗାଁରେ ଥିବା ସରସ୍ୱତୀ ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦିକା। ହଠାତ୍ ସମସ୍ତଙ୍କୁ ସ୍ତବ୍ଧ ଓ ଆଶ୍ଚର୍ଯ୍ୟ କରିଦେଇ ଜଗୁଭାଇ ନିଜ ବୋଉଙ୍କ ନାଁରେ ଚାଲିଥିବା ସରସ୍ୱତୀ ବିଦ୍ୟାପୀଠର ଗୋଟିଏ ଦଶମ ଶ୍ରେଣୀର ଛାତ୍ରୀକୁ ଅସଦାଚରଣ କରି ଧରାପଡ଼ି ଏବେ ଜେଲ ଗଲେ। ସମସ୍ତ ପ୍ରମାଣକୁ ଆଧାର କରି ଉଚ୍ଚ ନ୍ୟାୟାଳୟ ତାଙ୍କୁ ସଶ୍ରମ ସାତ ବର୍ଷ କାରାଦଣ୍ଡରେ ଦଣ୍ଡିତ କଲେ।

ସମୟ ଗଡ଼ିଚାଲିଲା। ଜଗୁଭାଇ ମୁକୁଳିଲେ ଜେଲରୁ। ଚୌଦ୍ୱାର ଜେଲରୁ ଗୋଟେ ପଟୁଆରରେ ଜଗୁଭାଇ ଆସିଲେ ଆମ ଗାଁକୁ ପାଞ୍ଚ ବର୍ଷ ତଳେ। ପରେ ପରେ ଶାସକ ଦଳକୁ ମୋଟା ଅଙ୍କର ଟଙ୍କା ଦେଇ କିଣିଆଣିଲେ ଏମ୍‌ଏଲ୍‌ଏ ଟିକେଟ। ନିର୍ବାଚନରେ ପର୍ଯ୍ୟାପ୍ତ ଅର୍ଥ ଶ୍ରାଦ୍ଧ କରି ବିଧାୟକ ଭାବରେ ବହୁଳ ଭୋଟରେ ଜିତିଲେ ଓ ନିନ୍ଦୁକମାନଙ୍କ ପାଟି ଚୁପ୍ କରି ଦେଇ ଗଣଶିକ୍ଷା ମନ୍ତ୍ରୀ ଭାବରେ ଶପଥ ନେଲେ ଗଲା ଥର ମନ୍ତ୍ରିମଣ୍ଡଳ ଅଦଳବଦଳ ହେଲା ବେଳେ।

ମୋ ଜେଜେମା' କହୁଥିଲା, ''ଏଇଟା କୋଉ ବଡ଼ କଥା କି ? କିସ ପୁଣି ଦେଖା ନ ଯାଏ...''

ମୁଁ କିନ୍ତୁ ଭାବୁଥିଲି ...

ଡାଆଣୀ ଡିଦାଣି..., ଡାଆଣୀ ଡିଦାଣି..., ଡାଆଣୀ ଡିଦାଣି..., ଡାଆଣୀ ଡିଦାଣି... !

ଘଣ୍ଟ ଘଣ୍ଟା ଖୋଳ ତାଳ ବାଜୁଥିଲା ଲାଞ୍ଜଖାଇ ମା' ଠାକୁରାଣୀଙ୍କ ପଥର ବିଗ୍ରହ ସାମ୍ନାରେ। ପାଖାପାଖି ଶହେ ସରିକି ଲୋକ ରୁଣ୍ଡ ହୋଇଥା'ନ୍ତି ମା'ଙ୍କ ଆସ୍ଥାନ ଚାରିପଟେ।

ଆମ ଗାଁ ସ୍କୁଲ ପଡ଼ିଆରେ କାହିଁ କେତେ ବର୍ଷ ଆଗରୁ ଛିଡ଼ା ହୋଇଛି ପ୍ରକାଣ୍ଡ ବଡ଼ ବରଗଛ। ସେଇଠି ମା' ଲାଞ୍ଜଖାଇ ଦେବୀଙ୍କର ପୀଠ। ପ୍ରତିବର୍ଷ ଅଷ୍ଟମୀ ଦିନ ସେଇଠି ଗୋଟେ ବଡ଼ ମେଳାହୁଏ। ମା'ଙ୍କୁ ଲାଞ୍ଜ ମନାସିଥିବା ଶ୍ରଦ୍ଧାଳୁମାନେ ନିଜ ସାଧ୍ୟମତେ କୁକୁଡ଼ା-ଗଞ୍ଜା ଓ ଛେଳି-ବୋଦା ବଳିଦିଅନ୍ତି। ଆଜିକାଲି ଲୋକମୁଖରେ ଶୁଣାଯାଏ ଆମ ଗାଁ ଲାଞ୍ଜଖାଇ ଠାକୁରାଣୀ ଖୁବ୍ ପ୍ରତ୍ୟକ୍ଷ କାଳେ।

ଆମ ଗାଁରେ ଦୁଇଟା ପୋଖରୀ। ଗୋଟିଏ ନଣ୍ଡା ଗାଡ଼ିଆ ଆଉ ଗୋଟିଏ ସର ପୋଖରୀ। ନଣ୍ଡା ଗାଡ଼ିଆରେ ମଇଁଷିମାନେ ଗାଧାନ୍ତି। ସେଇଠି ଥାଏ ଧୋବାତୁଠ। ସରପୋଖରୀର ମୁଖ୍ୟ ତୁଠରେ ଥିଲା ଏକ ଚିକ୍କଣ ପଥର। ଗାଁ ଲୋକମାନେ ସେଇ ପଥର ଉପରେ ଗୋଡ଼ ଘଷନ୍ତି। କିଛି ଲୋକ ତା' ଉପରେ ବସି ଗୁଡ଼ାଖୁ ଘଷନ୍ତି।

ହଠାତ୍ ଦିନେ ଗାଁ ପୋଖରୀ ପାଇଁ ସାଂସଦ ପାଣ୍ଠିରୁ ଟଙ୍କା ଆସିଲା ପୋଖରୀ ଚାରିପଟେ ହେବ ସିମେଣ୍ଟ ପାହାଚ। ଜଗୁଭାଇ ନେଲେ ତା'ର ଠିକା ଦାୟିତ୍ୱ। ହଠାତ୍ ତୁଠ ପଥରଟି ଚୋରି ହୋଇଗଲା। ପରେ ଆମେ ଦେଖିଲୁ , ରଙ୍ଗ ଧୋବଣୀ ତା' ଉପରେ ଲୁଗା କାଚୁଛି।

ସେଥର ଖରାଛୁଟି ହୋଇଥାଏ। ଆମ ସହପାଠୀମାନଙ୍କର କଲେଜପଢ଼ା ସରିଯାଇଥାଏ। ନଣ୍ଡା ଗାଡ଼ିଆରେ ପାଣି ନ ଥିବାରୁ ନଣ୍ଡା ନଣ୍ଡା ଦିଶୁଥାଏ ଗାଡ଼ିଆଟି। ମୁଁ ଏବଂ ମୋର ତିନିଜଣ ସାଙ୍ଗ ତୁଠରେ ଥିବା ସେ ଚିକ୍କଣ ପଥରଟିକୁ ମୁଣ୍ଡରେ ମୁଣ୍ଡେଇ ନେଇଆସିଲୁ ସ୍କୁଲ ପାଖ ପଡ଼ିଆରେ ଥିବା ସେଇ ପ୍ରକାଣ୍ଡ ବରଗଛ ମୂଳକୁ।

ବରଗଛ ମୂଳ ଚାରିପଟକୁ ସଫା କରିଦେଇ ଆମେ ସେଇ ପଥର ଉପରେ କିଛି ସିନ୍ଦୂର ଓ ଜଡ଼ାତେଲ ଗୋଳେଇ ପଥର ଚାରିପଟେ ବୋଳିଦେଲୁ। ପଥର ଚାରିପଟେ ଗୁଡ଼େଇଦେଲୁ ସାଲୁକନା ଓ ଲମ୍ବେଇ ଦେଲୁ ମନ୍ଦାରମାଳଟେ। ତା' ପରଦିନଠାରୁ ଗାଁ ଲୋକମାନେ ଜାଣିଲେ ଲାଞ୍ଜଖାଇ ଠାକୁରାଣୀ ଆବିର୍ଭୂତା ହେଲେ ଆମ ସ୍କୁଲପଡ଼ିଆରେ ଥିବା ବରଗଛ ମୂଳେ।

ଜଗୁଭାଇ ଅପରାଧୀରୁ ମନ୍ତ୍ରୀ ହେଲା ପରି ତୁଠପଥର ବି ପାଲଟି ଯାଇପାରେ ପ୍ରତ୍ୟକ୍ଷ ଦେବୀ।

*–ଲୁମ୍ବିନ ବିହାର, ଚନ୍ଦ୍ରଶେଖରପୁର,*
*ଭୁବନେଶ୍ୱର, ମୋ: ୯୪୩୭୯୩୬୫୮୧*

# ହାତ

**–ବିମଳାଶଙ୍କର ଦାଶ**

**ଏ** ଏମିତି ଏକ ହାତ
ଯାହା ଆକାଶଠୁ ପ୍ରଶସ୍ତ
ମେଘଠୁ ହାଲୁକା
ମାଟି ଠୁ ଚିକିଟା
ନିଆଁ ଠୁ ଉଷୁମ
ଆଉ ପାଣି ଠୁ ପତଳା... !!!

ସେଇ ଶିରାଳ ଲୋଚାକୋଚା ହାତ
ଯେତେବେଳେ ଆଉଁସି ହୋଇଯାଏ
ମୁଣ୍ଡରେ ,
ଦେହରେ ସଂଚରି ଯାଏ ସାତ ସିଂହ ର ବଳ
ଅନାୟାସରେ ଲଘିଂ ହୋଇଯାଏ
ବିପଦର ପ୍ରକାଣ୍ଡ ପହାଡ
ଆଉ ସମସ୍ୟାର ସକଳ ସାଗର..

ସେ ହାତ ଥିଲେ
ଏଇ ହାତ ସକ୍ଷମ ଓ ସଶକ୍ତ
ମୁଠେଇପାରେ ସ୍ୱପ୍ନର ଜହ୍ନ ,
ଅୟୁତ ଅଭିଳାଷକୁ କରିପାରେ ଚରିତାର୍ଥ

ସେ ହାତ ଅଛି ଯାହାର
କିଛି ନ ଥାଇ ସବୁ ଅଛି ତାହାର
ସେ ହାତ ନାହିଁ ଯାହାର
ସବୁଥାଇ କିଛି ନାହିଁ ତାହାର

*–ଗୋଡିଆବନ୍ଧ(ପଦ୍ମପୁର)*
*ଜିଲ୍ଲା–ରାୟଗଡା*
*୭୯୭୮୧୭୧୪୩୭*



# ବାପା ଓ ଈଶ୍ୱର

ବାପା !!
ଜୀବନର ଘନ ଅନ୍ଧକାର ଗହ୍ୱର ମଧ୍ୟରେ
ପ୍ରଦୀପର ନିର୍ମଳ ଆଭା !!
ମୁହଁରେ ଦାମ୍ଭିକତାର ସ୍ୱର
ଅନ୍ତରରେ କୋମଳ ହୃଦୟର ଅଧିକାରୀ,
ଦୂର ଆକାଶର ଦିଗ୍‌ବଳୟରେ
ପ୍ରତ୍ୟୁଷର ନାଲି ଆଲୁଅ।

ବାପା !!
ବାସ୍ତବତାର ବନ୍ଧୁର ପଥରେ
କାନ୍‌ଭାସରେ ବୋଳା ଉତ୍ସାହର ରଙ୍ଗ,
ନିରଙ୍କୁଶ ସୁଖସ୍ୱପ୍ନର ଛନ୍ଦମୟ ଜୀବନ,
ବଞ୍ଚିବାର ପ୍ରେରଣା..... !!

ବାପା !!
ବସନ୍ତର ସୁରଭିତ କୁସୁମ !!
ସତେଜ ହସର ମଧୁର ସଙ୍ଗୀତରେ
ବିଭୋର ପ୍ରେରଣାର ସ୍ରୋତ,
ବହୁ ପ୍ରତୀକ୍ଷାରେ ଉଜାଗର,
ହୃଦୟ ଭିତରୁ ବାହାରୁଥିବା
ଭାବର ଉଦ୍ବେଳ ତରଙ୍ଗ,
ସମୁଦ୍ରର ଉର୍ମିଳ ଆଲିଙ୍ଗନ,
ଅପୂର୍ଣ୍ଣ ଜୀବନରେ ପୂର୍ଣ୍ଣତାର ପ୍ରତିମୂର୍ତ୍ତି।

ବାପା !!
ପ୍ରୀତି ସ୍ୱରରେ ନାନାବାୟା ଗୀତ ଗାଉଥିବା
ଏବଂ
ଶୀତଳ ପବନର ନରମ ସ୍ପର୍ଶରେ
ଜ୍ୟୋତ୍ସ୍ନା ରାତିର ନୀଳାଭ ଦୀପଶିଖା।

ବାପା !!
ସୁନୀଳ ଆକାଶର ଝିଲିମିଲି ଚାନ୍ଦୁଆ,
ଅନନ୍ତ ସମୁଦ୍ରର ନୀଳ ଜଳରାଶି,
ଅସ୍ତ ସୂର୍ଯ୍ୟର ଅବିର ରଙ୍ଗ ପରି
ଅନାବିଳ ଓ ପବିତ୍ର।

ବାପା ହିଁ ଈଶ୍ୱର
ଈଶ୍ୱର ହିଁ ବାପା !!

**–ରାଧାମୋହନ ପାଣିଗ୍ରାହୀ**
*ଗ୍ରାମ–ପଦ୍ମପୁର, ଜିଲ୍ଲା–ରାୟଗଡ଼ା*
*ମୋ–୮୮୯୫୮୭୩୭୩୩*



# ସମୟ ମିଳିଛି



ସାରା

**ସା**ରା ଅଲ୍ଲୀ ଖାଁଙ୍କ ଖୁସି କହିଲେ ନ ସରେ। କାରଣ ଏତେଦିନେ ତାଙ୍କୁ ପର୍ଯ୍ୟାପ୍ତ ସମୟ ମିଳିଛି। ଅବଶ୍ୟ ପୂର୍ବରୁ ସେ ଏ ନେଇ ବେଶ୍ ସଚେତନ ରହୁଥିଲେ। ତା'ସହ ନିଜର ବ୍ୟସ୍ତ ଦୈନନ୍ଦିନ ରୁଟିନ୍ ମଧ୍ୟରେ ଏଥିପାଇଁ ସମୟ ବାହାର କରୁଥିଲେ। ହେଲେ ଏବେ ତ ପ୍ରଚୁର ସମୟ ମିଳିଛି, ତେଣୁ ସେ ଏଥିଲାଗି ଅଧିକ ସମୟ ଦେଉଛନ୍ତି। ତାହା କ'ଣ ଜାଣନ୍ତି ? ନିଜକୁ ଫିଟ୍ ରଖିବା। କଥା କ'ଣ କି ଗତ କିଛି ମାସ ହେବ କରୋନାର ଦ୍ୱିତୀୟ ଲହର ପାଇଁ ଫିଲ୍ମ ଶୁଟିଂ ବନ୍ଦ ରହିଛି। ତେଣୁ ସାରାଙ୍କୁ ଘରେ ହିଁ ରହିବାକୁ ପଡୁଛି। ଅସଲ କଥା ହେଲା ଘରେ ମନ ପସନ୍ଦର ଖାଦ୍ୟ ଖାଇ ତାଙ୍କର ଓଜନ ଟିକେ ବଢ଼ିଯାଇଛି। ତେଣୁ ଏଇ କିଛି ସପ୍ତାହ ହେଲା ସେ ନିଜ ଓଜନ କମାଇବାରେ ଲାଗିପଡିଛନ୍ତି। ଡାଏଟିଂ ସହ ଘରେ ଏକ୍ସରସାଇଜ ଯୋଗ, ପ୍ରାଣାୟାମ କରୁଛନ୍ତି। ନିଜର ଏଭଳି ଯୋଜନା ବିଷୟରେ ସେ କହନ୍ତି, 'ମୁଁ ମୋ ଫିଟ୍‌ନେସ୍‌କୁ ନେଇ ସବୁବେଳେ ସଚେତନ ଥାଏ। ହେଲେ କୋଭିଡ୍ ଭିତରେ ମୋ ଫିଟ୍‌ନେସ୍ ଟିକେ ଏପଟ ସେପଟ ହୋଇଯାଇଛି। ଫଳରେ ମୋ ଓଜନ ବଢ଼ିଯାଇଛି। ତେଣୁ ପ୍ରତିଦିନ ଏକ୍ସରସାଇଜ ପାଇଁ ଏବେ ଅଧିକ ସମୟ ଦେଉଛି।' ସାରା ନିଜର ଏକ୍ସରସାଇଜ ଫଟୋ ନିଜ ସୋସିଆଲ ମିଡିଆରେ ସେୟାର କରିବା ପରେ ସେଗୁଡିକ ଏବେ ଭାଇରାଲ୍ ହୋଇଛି।



ଦୀପକ

# ନାମ ପରିବର୍ତ୍ତନ ଅନ୍ତରାଳେ

**କି**ଆରା ଆଡଓ୍ୱାନୀ ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ତାଙ୍କର ନାମ କ'ଣ ଥିଲା ଜାଣନ୍ତି ? ଆଲିୟା ଆଡଓ୍ୱାନୀ। ହେଲେ ଏହା ଆଲିୟା ଭଟ୍ଟଙ୍କ ନାମ ସହ ସଂଯୋଗ ରହୁଥିବାରୁ ତାଙ୍କୁ ନିଜ ସ୍କ୍ରିନ୍ ନେମ ଅଲଗା ରଖିବାକୁ ଜଣେ ପରାମର୍ଶ ଦେଇଥିଲେ। ସେ କିଏ ଥିଲେ ଜାଣନ୍ତି ? ସଲମାନ ଖାଁ। ଆଉ ତାଙ୍କ ପରି ଅଭିନେତାଙ୍କ କଥାକୁ ଏଡାଇ ପାରି ନ ଥିଲେ କିଆରା। ଶେଷରେ ତାଙ୍କ ସ୍କ୍ରିନ୍ ନେମ୍ ଆଲିୟାକୁ ପରବର୍ତ୍ତନ କରି କିଆରା ରଖିଥିଲେ। ଏ ନେଇ ସେ ସବୁବଳେ ସଲମାନଙ୍କୁ ହିଁ ଶ୍ରେୟ ଦେଇଥାଆନ୍ତି। ବଲିଉଡ୍‌ରେ ଡେବ୍ୟୁ କରିବା ପୂର୍ବରୁ ରିଲିଜ ହେବା ମାତ୍ରେ ପ୍ରତିଟି ହିନ୍ଦୀ ସିନେମା ଦେଖୁଥିଲେ ସେ। ଏହି ସମୟରେ ସେ ପ୍ରିୟଙ୍କା ଚୋପ୍ରାଙ୍କ ଅଭିନୀତ ଫିଲ୍ମ ଦେଖିବାକୁ ବେଶୀ ପସନ୍ଦ କରୁଥିଲେ। ଆକ୍ଟିଂ କରିବା ସହ ମାସ୍ ମିଡିଆ କମ୍ୟୁନିକେଶନରେ ଡିଗ୍ରୀ ହାସଲ କରିଛନ୍ତି କିଆରା। କଲେଜରେ ପଢ଼ିବା ସମୟରେ ଥରେ ସେ ବୁଲିବାକୁ ଯାଇଥିଲେ। ସେମାନେ ରହୁଥିବା ରୁମ୍‌ରେ ହଠାତ୍ ନିଆଁ ଲାଗିଯାଇଥିଲା। ହେଲେ କାହାର କିଛି କ୍ଷୟକ୍ଷତି ହୋଇ ନ ଥିଲା। ଅଭିନୟ ଜଗତରେ ପ୍ରବେଶ କରିବା ପୂର୍ବରୁ କିଆରା ଏକ ପ୍ଲେ ସ୍କୁଲରେ କିଛି ଦିନ ଶିକ୍ଷୟିତ୍ରୀ ଭାବରେ କାମ କରିଥିଲେ। ଖାସ୍ କଥା ହେଲା ତାଙ୍କୁ ଯେତେବେଳେ ମାତ୍ର ୮ ମାସ ହୋଇଥିଲା ତାଙ୍କୁ ଏକ ବେବି ପାଉଡର ବିଜ୍ଞାପନରେ ଦେଖିବାକୁ ମିଳିଥିଲା।



କିଆରା

# ସବୁ ଗୁଜବ

**କ**ରୀନାଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। କେତେବେଳେ ସେ ନିଜ ଅଭିନୟ ପାଇଁ ତ ପୁଣି କେତେବେଳେ ନିଜ ବ୍ୟକ୍ତିଗତ ଜୀବନ ପାଇଁ ଆଲୋଚନାର ଶିରୋନାମା ପାଲଟି ଥାଆନ୍ତି। ହେଲେ ଏଥର ତାଙ୍କୁ ନେଇ ଆଲୋଚନା ଜୋର୍ ଧରିଛି। କଥା କ'ଣ କି ରାମାୟଣ ଉପରେ ନିର୍ମିତ ହେବାକୁ ଯାଉଥିବା ଏକ ପୌରାଣିକ ଚଳଚ୍ଚିତ୍ରରେ ସୀତା ଚରିତ୍ର ପାଇଁ ତାଙ୍କୁ ଯୋଗାଯୋଗ କରାଯାଇଛି। ହେଲେ ଶୁଣିବାକୁ ମିଳୁଛି ଯେ, ଏହି ଭୂମିକା ପାଇଁ ସେ ଯେଉଁ ପାରିଶ୍ରମିକ ଡିମାଣ୍ଡ କରିଛନ୍ତି ତାହା ଶୁଣି ଅନେକ ତାଜୁବ। ଅବଶ୍ୟ ଗୋଟିଏ ସିନେମା ପାଇଁ ରେମ୍ୟୁନିନେଶନ ଭାବରେ ସେ ପ୍ରାୟ ୭-୮ କୋଟି ଟଙ୍କା ନେଇଥାଆନ୍ତି। ହେଲେ 'ସୀତା' ରୋଲ୍ ପାଇଁ ସେ କେତେ ଡିମାଣ୍ଡ କରିଛନ୍ତି ଜାଣନ୍ତି ? ୧୨କୋଟି। ପୁଣି ବିଚାର ବିମର୍ଷ ପରେ ମଧ୍ୟ ସେ ନିଜ ପାରିଶ୍ରମିକ କମାଇବାକୁ କୁଆଡେ ଅମଙ୍ଗ ହେଉଛନ୍ତି। ତେବେ ଶେଷରେ ଏ ନେଇ ମୁହଁ ଖୋଲିଛନ୍ତି କରୀନା। ସେ କହନ୍ତି, 'ଏହି ଭୂମିକା ପାଇଁ ମୋତେ ଅଫର ମିଳିଛି–ଏକଥା ସତ। ହେଲେ ଏଥିପାଇଁ ମୁଁ ୧୨ କୋଟି ଡିମାଣ୍ଡ କରୁଛି ବୋଲି ଯାହା ଶୁଣାଯାଉଛି ତାହା ମିଛ। ଏବେ ଏ ନେଇ ଆଲୋଚନା ଚାଲିଛି।' ଅନ୍ୟପଟେ ସୋସିଆଲ ମିଡିଆରେ 'ବୟକଟ୍ କରୀନା କପୁର ଖାଁ' ଜୋର୍ ଧରିଛି। କେହି କେହି କରୀନା ଏହି ରୋଲ୍ ପାଇଁ ଫିଟ୍ ନୁହଁନ୍ତି ବୋଲି କହିଛନ୍ତି। ଅନ୍ୟକେହି ଯେହେତୁ କରୀନାଙ୍କୁ ନିର୍ଦ୍ଦେଶକ ଏଥିପାଇଁ ଚୟନ କରିଛନ୍ତି, ତେଣୁ ପ୍ରଥମେ ନିର୍ଦ୍ଦେଶକଙ୍କୁ ବୟକଟ୍ କରାଯାଉ ବୋଲି ମତ ଦେଇଛନ୍ତି।



କରୀନା

## ଜଗାର ମନକଥା

**ଜ**ଗା କଲେଜରେ ପଢ଼େ। ନିଜେ ଅସୁବିଧାରେ ପଡିଲେ ମଧ୍ୟ ଅନ୍ୟମାନଙ୍କୁ ସାହାଯ୍ୟର ହାତ ବଢ଼ାଇବାକୁ ପଛାଏ ନାହିଁ। କଲେଜରେ ପଢ଼ିବା ସମୟରେ ତାକୁ ନିଜର ପ୍ରେମ ଜାଲରେ ବାନ୍ଧି ଦେଇଛି ରାଗିଣୀ ନାମ୍ନୀ ସୁନ୍ଦରୀ ଝିଅଟିଏ। କିନ୍ତୁ ଲଭ୍ ଚକ୍କରରେ ପଡିବାକୁ ଚାହେଁନା ଜଗା। ତେବେ ଜଗାକୁ ନେଇ ରାଗିଣୀ ଯେଉଁ ସ୍ୱପ୍ନ ଦେଖିଛି ତାହା ସଫଳ ହେଉଛି ତ ? ପ୍ରଥମେ ପ୍ରେମ ବିଷୟରେ କିଛି ଜାଣି ନ ଥିବା ଜଗା, ରାଗିଣୀକୁ ପ୍ରେମିକା ଭାବରେ ଗ୍ରହଣ କରୁଛି ତ ? ଏପରି ପ୍ରଶ୍ନର ଉତ୍ତର ରହିଛି ରିଲିଜ୍ ଅପେକ୍ଷାରେ ଥିବା ଓଡ଼ିଆ ସିନେମା 'ଅଟୋଗ୍ରାଫ–ଏ ସାଇନ୍ ଅଫ ଲଭ୍'ରେ। ତେବେ ଏଭଳି ପ୍ରେମ କାହାଣୀରେ ଅଟୋଗ୍ରାଫ୍‌ର ଭୂମିକା କ'ଣ ତାହା ସିନେମାଟି ଦେଖିଲେ ହିଁ ଜାଣିପାରିବେ। ଏ.ଆର. ରହମନ ଏବଂ ପ୍ରସନ୍ନ ଦ୍ୱିବେଦୀଙ୍କ ପ୍ରଯୋଜିତ ଏହି ସିନେମାର ନିର୍ଦ୍ଦେଶନା ଦେଇଛନ୍ତି ରମେଶ ରାଉତ। ଖାସ୍ କଥା ହେଲା, ଦୀପକ (ଜଗା)ଙ୍କ ଅପୋଜିଟ୍‌ରେ ଏଥିରେ ସ୍କ୍ରିନ୍ ଶେୟାର କରିଛନ୍ତି ମଡେଲିଂରୁ ବଡ ପରଦାରେ ପାଦ ରଖିବାକୁ ଯାଉଥିବା ନବାଗତା ସ୍ୱାତୀ।



ପରେଶ

## ଅଲରାଉଣ୍ଡର ପରେଶ

**ପ**ରେଶ ରାଓ୍ୱଲ–କେବଳ ନାମ ହିଁ ଯଥେଷ୍ଟ। ଭୂମିକାଟି ଯାହା ହେଉ ନା କାହିଁକି, ତାହାକୁ ନେଇ ଆଣି ଥୋଇବାରେ ସେ କେତେ ସିଦ୍ଧହସ୍ତ ତାହା କହିବା ବାହୁଲ୍ୟ। ନିକଟରେ ସେ ତାଙ୍କର ୬୬ ତମ ଜନ୍ମଦିନ ପାଳନ କରିଛନ୍ତି। କେବଳ ସେତିକି ନୁହେଁ, ବଲିଉଡ୍‌ରେ ଦୀର୍ଘ ୪୦ ବର୍ଷ ଧରି ସେ ନିଜର ଅଭିନୟ କ୍ୟାରିୟର ଜାରି ରଖିଛନ୍ତି। ନିଜର ଅଭିନୟ ଦକ୍ଷତା ବଳରେ ପରେଶ ନିଜକୁ ଜଣେ ଅଲରାଉଣ୍ଡର ଭାବରେ ପରିଚିତ କରାଇପାରିଛନ୍ତି। ଖଳନାୟକୀ, କମେଡି ହେଉ ଅବା ଚରିତ୍ର ଭୂମିକାରେ ସେ ଦର୍ଶକଙ୍କ ହୃଦୟରେ ହାସଲ କରିଛନ୍ତି ସ୍ୱତନ୍ତ୍ର ସ୍ଥାନ। ନିକଟରେ ପରେଶଙ୍କ ଆକ୍ଟିଂ ଦକ୍ଷତାକୁ ଭୂରି ଭୂରି ପ୍ରଶଂସା କରିଛନ୍ତି ଅନ୍ୟତମ ନାମୀ ନିର୍ଦ୍ଦେଶକ ପ୍ରିୟଦର୍ଶନ। 'ହେରାଫେରି'ର ବାବୁ ଭାଇ ଭୂମିକାରେ କିଏ ଅଭିନୟ କରିବ ସେ ନେଇ ଟିକେ ଅଡୁଆରେ ପଡିଥିଲେ ଏହି ନିର୍ଦ୍ଦେଶକ। ହେଲେ ଯେତେବେଳେ ସେ ପରେଶଙ୍କ କଥା ଚିନ୍ତା କଲେ ସତେଯେମିତି ତାଙ୍କୁ ଖୋଜିଲା ଚିଜ ମିଳିଯାଇଥିଲା। ଏହି ଭୂମିକାଟି ପାଇଁ ପରେଶ କେତେ ପ୍ରଶଂସା ସାଉଁଟିଥିଲେ ତାହା କହିବା ଅନାବଶ୍ୟକ।

ପ୍ରଥମ ରୋଜଗାର

# ରୋଜଗାର ଟଙ୍କାରେ ଭଉଣୀକୁ ଶାଢ଼ୀ ଦେଇଥିଲି



ପ୍ରାଧ୍ୟାପିକା, ଲେଖିକା ତଥା ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ନାଟ୍ୟ କଳାକାର ଡ. ତୁଳସୀ ଓଝା ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

କଟକ ଜିଲା ସିଦ୍ଧେଶ୍ୱରପୁରରେ ମୋ ଜନ୍ମ। ସ୍ଥାନୀୟ ଗୋପାଳ ସ୍ମୃତି ବିଦ୍ୟାପୀଠରୁ ମାଟ୍ରିକ୍ ପାସ୍ କରିବା ପରେ ଶୈଳବାଳା କଲେଜରେ ନାଁ ଲେଖାଇଥିଲି। ସେଠାରୁ ଅର୍ଥନୀତି ସମ୍ମାନରେ ବି.ଏ. ପାସ୍ କରି ରେଭେନ୍ସା କଲେଜରେ ଓଡ଼ିଆରେ ପି.ଜି. କଲି। ତା'ପରେ ଓଡ଼ିଆ ଅଧ୍ୟାପିକା ଭାବେ ମୋର ଚାକିରି ହୋଇଗଲା। ସମ୍ବଲପୁର ମହିଳା ମହାବିଦ୍ୟାଳୟରେ ହେଲା ପ୍ରଥମ ପୋଷ୍ଟିଂ। ସେଠାରେ ୧୩ ବର୍ଷ ରହିବା ଭିତରେ ମୁଁ ପିଏଚ୍.ଡି. ସାରି ଡକ୍ଟରେଟ୍ ଡିଗ୍ରୀ ହାସଲ କରି ସାରିଥିଲି। ତା'ପରେ ଜି.ଏମ୍. କଲେଜକୁ ବଦଳି ହୋଇଗଲି। ସେଠାରେ ମାତ୍ର ୨ବର୍ଷ ରହି ପୁରୀ ଏସ୍.ସି.ଏସ୍. କଲେଜକୁ ପ୍ରାଧ୍ୟାପିକା ଭାବେ ପ୍ରମୋଶନ ପାଇ ଗଲି। ୫ ବର୍ଷ ପରେ ପୁଣି ମୋର ବଦଳି ହେଲା ଆଉ ମୁଁ ପୁରୀ ସରକାରୀ ମହିଳା ମହାବିଦ୍ୟାଳୟକୁ ଗଲି। ସେଠାରେ ପ୍ରାଧ୍ୟାପିକା ଭାବେ କିଛିଦିନ କାମ କରିବା ପରେ ପ୍ରିନ୍ସିପାଲ୍‌ର ଦାୟିତ୍ୱ ମିଳିଲା। ଆଉ ଶେଷରେ ସେହି ଦାୟିତ୍ୱରେ ରହି ୨୦୦୮ ଅଗଷ୍ଟ ମାସରେ ଚାକିରିରୁ ଅବସର ନେଲି। ଅବସର ପରେ ବି ୪ ବର୍ଷ ପାଇଁ ମୁଁ ଚାଇଲ୍ଡ ୱେଲ୍‌ଫେୟାର୍ କମିଟିର ଜଣେ ମେମ୍ବର୍ ଭାବେ ଦାୟିତ୍ୱ ନିର୍ବାହ କରିଥିଲି। ତେବେ ଚାକିରି କରି ରୋଜଗାର କରିବାର ବହୁ ପୂର୍ବରୁ ମୁଁ ସ୍ୱୀକୃତିପ୍ରାପ୍ତ ନାଟ୍ୟ କଳାକାର ଭାବେ ଆକାଶବାଣୀରୁ ରୋଜଗାର କରି ସାରିଥିଲି। ଏହା ଥିଲା ଯୁକ୍ତ ଦୁଇ ପଢ଼ିବା ସମୟର କଥା। ସ୍କୁଲ୍ ନାଟକ, କଲେଜ ନାଟକ ତଥା ମଞ୍ଚ ନାଟକରେ ଅଭିନୟ କରିବାର ନିଶା ସେତେବେଳେ ମୋତେ ବେଶ୍ ଘାରିଥିଲା। କେବଳ ଅଭିନୟ କରୁଥିଲି ତାହା ନୁହେଁ, ଧୀରେ ଧୀରେ ନାଟକ ଲେଖିବା ପ୍ରତି ବି ମୋର ମନ ବଳିଲା। ଆକାଶବାଣୀକୁ ମଧ୍ୟ ଲେଖା ପଠାଇଲି। ସେଠାରେ ମୋ ଲେଖା ମନୋନୀତ ହେବା ସହ ସେଥିରେ ଅଭିନୟ କରିବା ପାଇଁ ମୋତେ ପ୍ରସ୍ତାବ ଦିଆଗଲା। ଉକ୍ତ ନାଟକରେ ଅଭିନୟ କରି ସେ ସମୟରେ ଆକାଶବାଣୀରୁ କିଛି ପାରିଶ୍ରମିକ ପାଇଥିଲି। ସେହି ପାରିଶ୍ରମିକରେ ମୁଁ ମୋ ସାନ ଭଉଣୀ ପାଇଁ ଗୋଟିଏ ଶାଢ଼ି କିଣିଥିଲି। କାରଣ ସେ ଥିଲା ଭାରି ଅଭିମାନୀ, ତା'ର ସବୁ ଜିନିଷରେ ଥିଲା ଲୋଭ। ଶାଢ଼ିଟିଏ ପାଇଁ ମୋ ପାଖେ ଜିଦି କରିବାରୁ ମୁଁ ତାକୁ କିଣି ଦେଇଥିଲି। କ୍ରମେ ଆକାଶବାଣୀରେ ଗୋଟିଏ ପରେ ଗୋଟିଏ ନାଟକରେ ଅଭିନୟ କରିବା ସହ ଯୁବବାଣୀ କାର୍ଯ୍ୟକ୍ରମରେ ବି ଭାଗ ନେଲି। ନାଟକ ବ୍ୟତୀତ ମୁଁ ଅନେକ ଗପ, କବିତା, ସମାଲୋଚନା ଭିତ୍ତିକ ଲେଖା, ଜଗନ୍ନାଥ ସଂସ୍କୃତି ସମ୍ବନ୍ଧୀୟ ଲେଖା ମଧ୍ୟ ଲେଖିଛି ଆଉ ତାକୁ ନେଇ ବହି ବି ପ୍ରକାଶିତ ହୋଇଛି। ଯେମିତି କି: ସ୍ୱପ୍ନ କଡ଼, ଅପସରା, ଅଝଟ ଝଡ଼, ବରଫ ଦୁର୍ଗର ନକ୍ସା, ଅସ୍ମୀ ଭାଗୀରଥି ତୀରରେ, ଅନ୍ଧକାରେ ଅଦିତୀ ନାମରେ ୬ଟିଗପ ବହି, କାହା ପରି କେହି ଜଣେ ନାମରେ ଗୋଟିଏ କବିତା ବହି, ନାଟ ମଣ୍ଡପରେ କେହି ନାହାନ୍ତି ନାମରେ ଗୋଟିଏ ନାଟ୍ୟ ପୁସ୍ତକ (ଯେଉଁଥିରେ ରହିଛି ଅପରାହ୍ନ ଖରା, ଆମର ନେତା, ସ୍ୱର, ବିନାଶ କାଳେ, ମଧ୍ୟାନ୍ତର ନାହିଁ ନାମରେ ୫ଟି ନାଟକ), ଅନ୍ୱେଷାର ଅନ୍ୟନାମ, ଓଡ଼ିଆ ଗୀତି କବିତାର ଆଧୁନିକ ପର୍ବ ୧ମ ଭାଗ ଓ ୨ୟ ଭାଗ, ଉତ୍କଳୀୟ ଭାସ୍କର୍ଯ୍ୟ କଳାକୃତି ନାମରେ ୪ଟି ସମାଲୋଚନା ପୁସ୍ତକ ତଥା ଉତ୍କଳୀୟ ଲୋକସଂସ୍କୃତି ଓ ଶ୍ରୀଜଗନ୍ନାଥ, ବ୍ରହ୍ମଦାରୁରୁ ଦୁର୍ବାଦଳ, ଶ୍ରୀଜଗନ୍ନାଥ ଓ ତାଙ୍କ ଅନନ୍ୟ ଭକ୍ତ, ତତ୍ତ୍ୱ ତଥ୍ୟରେ ଶ୍ରୀଜଗନ୍ନାଥ, ରଥ ସଂହିତା, କ୍ଷେତ୍ରାଣାମ୍ ମପି କ୍ଷେତ୍ରମ୍ ନାମରେ ପ୍ରାୟ ୬ଟି ଜଗନ୍ନାଥ ସଂସ୍କୃତି ସମ୍ବନ୍ଧୀୟ ପୁସ୍ତକ ମୋର ଯା'ଭିତରେ ପ୍ରକାଶିତ ହୋଇସାରିଲାଣି। ତା'ଛଡ଼ା ଭକ୍ତ କବି ଶାଲବେଗଙ୍କର ପ୍ରାୟ ୧୨୬ଟି ଭଜନକୁ ନେଇ ଗୋଟିଏ ବହି ବି ମୋର ପ୍ରକାଶିତ ହୋଇଛି, ଯାହାର ନାମ ହେଉଛି 'ଭକ୍ତ କବି ଶାଲବେଗଙ୍କର ରଚନା ସମ୍ଭାର'। ସେହିପରି ପ୍ରାୟ ୧୬ଟି ନାଟକ ଓ ଗୀତିନାଟ୍ୟରେ ମୁଁ ନିର୍ଦ୍ଦେଶନା ମଧ୍ୟ ଦେଇସାରିଛି। ଏସବୁ ବ୍ୟତୀତ ୧୯୯୨ ମସିହାରୁ ମୁଁ ପ୍ରତିବର୍ଷ ରଥଯାତ୍ରା ଅବସରରେ ବିଭିନ୍ନ ଚ୍ୟାନେଲ୍ ପାଇଁ ଧାରାବିବରଣୀ ଦେଇ ଆସୁଛି। ତେବେ ସାହିତ୍ୟ ଓ ନାଟକ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମୋତେ ଯା' ଭିତରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ବିଭିନ୍ନ ଅନୁଷ୍ଠାନ ତରଫରୁ ପୁରସ୍କାର ଓ ସମ୍ମାନ ମିଳିସାରିଲାଣି, ଯାହା ମୋ ପାଇଁ ଏକ ଖୁସିର ବିଷୟ। ଭଗବାନଙ୍କ ଆଶୀର୍ବାଦ ଥିଲେ ଆଗକୁ ମଧ୍ୟ ଲେଖାଲେଖିର ଧାରା ମୋର ଏହିପରି ଜାରି ରହିବ ବୋଲି ଆଶା କରୁଛି। **–ଅସ୍ମିତା**

# କଅଁଳ କଥାକୁ ଚୋରା ଚାହାଣି, ସେଇଠୁ ଆରମ୍ଭ ପ୍ରେମ କାହାଣୀ



ସାଥୀ

**ପ୍ରଶ୍ନ–**ସେହି ସୁନ୍ଦରୀର ଚୋରା ଚାହାଣି ମୋତେ ଘାଇଲା କରିଛି। ସତ କହିବାକୁ ଗଲେ ତାକୁ ମୁଁ ମନେ ମନେ ଭଲ ପାଇ ବସିଛି। ଯଦି ତା' ସାମ୍ନାରେ ମୁଁ ମୋ ମନ କଥା କହେ, ସେ ତାକୁ ଗ୍ରହଣ କରିବ ତ ?

–ପ୍ରକାଶ, ବ୍ରହ୍ମପୁର

**ଉତ୍ତର :** 'କଅଁଳ କଥାକୁ ଚୋରା ଚାହାଣି, ସେଇଠୁ ଆରମ୍ଭ ପ୍ରେମ କାହାଣୀ।' ଆପଣ ଯଦି ସେପଟରୁ କିଛି ଗ୍ରୀନ୍ ସିଗନାଲ ପାଇଛନ୍ତି ତେବେ ଶୁଭସ୍ୟ ଶୀଘ୍ରମ୍। କାରଣ ମିଳିଥିବା ସୁଯୋଗକୁ ହାତଛଡ଼ା କରି ପରେ ସେ ନେଇ ଅନୁତାପ କଲେ କିଛି ଲାଭ ହେବ ନାହିଁ। ତେଣୁ ଯଦି ପାଣିପାଗ ଠିକ୍ ଅଛି ତେବେ ବିଳମ୍ବ ନ କରି ପାଦ ଆଗକୁ ପକାନ୍ତୁ। ବେଳକାଳ ଦେଖି ମନ ଭିତରେ ଥିବା କଥାକୁ ସେହି ସୁନ୍ଦରୀ ସାମ୍ନାରେ ଓକାଳି ପକାନ୍ତୁ।

**ପ୍ରଶ୍ନ–**ଜଣେ ଝିଅକୁ ବାରମ୍ବାର ପ୍ରେମ ନିବେଦନ କରି ବିଫଳ ହେଉଛି। ଏବେ ସେ ମୋତେ ଦେଖି ହସୁଛି। ତାକୁ ପୁଣି ଥରେ ଆପ୍ରୋଚ କରିବି କି ?

–ଡି.କେ., ନବରଙ୍ଗପୁର

**ଉତ୍ତର :** ଯାହାହେଉ ଆପଣଙ୍କ ଆଟେମ୍ପ୍‌ଟ ଆଉ ଧୈର୍ଯ୍ୟ–ଦୁଇଟିକୁ ମାନିବାକୁ ପଡ଼ିବ। ଜଣେ ଝିଅକୁ ପ୍ରେମ ନିବେଦନ କରି ବିଫଳ ହେଲେ ମଧ୍ୟ ଚେଷ୍ଟା ଜାରି ରଖିଛନ୍ତି। ଏବେ ସେ ଝିଅଟି ଆପଣଙ୍କୁ ଦେଖି ହସୁଛି। ହେଲେ ସେହି ହସରେ ଭାସିଯାଇ ତା' ମନ ରାଇଜରେ ଘର କରିବାକୁ ଆପଣ ବୋଧହୁଏ ମନେ ମନେ ସ୍ଥିର କରିସାରିଲେଣି। ତେବେ ଏହା ପୂର୍ବରୁ ସେହି ହସକୁ ଭଲ ଭାବରେ ପରଖି ନିଅନ୍ତୁ। ସେ ଆପଣଙ୍କୁ ଉପହାସ କରୁନି ତ ? ତେଣୁ ସେଭଳି ଝିଅକୁ ପ୍ରେମିକା ଭାବରେ ଗ୍ରହଣ କରିବା ପୂର୍ବରୁ ହଜାରେ ଥର ଚିନ୍ତା କରନ୍ତୁ। ଯଦି ସବୁ କିଛି ଠିକ୍‌ଠାକ୍ ଲାଗିଲା ତେବେ ମଗଜ ଖଟାଇ ଆଗେଇଲେ ହିଁ ଭଲ ହେବ।

**ପ୍ରଶ୍ନ–**ମୁଁ ଅବିବାହିତ। ଜଣେ ବିବାହିତା ପ୍ରେମରେ ପଡ଼ିଯାଇଛି। ଏପରି କି ତାକୁ ମ୍ୟାରେଜ କରିବାକୁ ସ୍ଥିର କରିଛି। ଏ କ୍ଷେତ୍ରରେ କେମିତି ଆଗେଇବି ଜାଣିପାରୁନି।

–ତପନ, ପୁରୀ


**ଉତ୍ତର :** ଆପଣ ଯାହାଙ୍କୁ ପ୍ରେମ କରୁଛନ୍ତି ଆଉ ମ୍ୟାରେଜ କରିବାକୁ ଡିସାଇଡ୍ କରିଛନ୍ତି ସେ ଜଣେ ବିବାହିତା। ତାଙ୍କର ଘର ସଂସାର ଅଛି। ତାଙ୍କୁ ନିଜର ମନର ମାନସୀ ସଜାଇ ଯେଉଁ ପ୍ରେମ ରାଇଜରେ ଘୂରି ବୁଲୁଛନ୍ତି ସେଥିରେ ଦୁହିଁଙ୍କର ସହମତି ଅଛି ତ ? ସହମତି ଥିଲେ ମଧ୍ୟ ଏଥିରେ ତାଙ୍କର ବୈବାହିକ ଜୀବନ କେତେ ପ୍ରଭାବିତ ହେବ ତାହା ଅନୁମାନ କରିପାରୁଛନ୍ତି ତ? ଏପରି ପ୍ରେମକୁ ଆଗେଇବା ଆଉ ସଫଳ ହେବା ସହଜ କଥା ନୁହେଁ। ଯେତେସମ୍ଭବ ନିଜର ମାନସିକତାରେ ପରିବର୍ତ୍ତନ କରନ୍ତୁ। ଯଦି ବା ସେହି ବିବାହିତାଙ୍କୁ ବିବାହ କଲେ ତେବେ ଆପଣଙ୍କ ଭବିଷ୍ୟତରେ ଖୁସିର ମାହୋଲ ଭିତରେ ରହିବେ ବୋଲି ଯେଉଁ ଆଶା ବାନ୍ଧିଛନ୍ତି ତାହା କେତେଦୂର ସ୍ଥାୟୀ ତାହା ମଧ୍ୟ ଚିନ୍ତା କରନ୍ତୁ।

**ପ୍ରଶ୍ନ–**କଲେଜରେ ପଢ଼ିବା ସମୟରେ ଜଣେ ସୁନ୍ଦରୀ ପ୍ରେମରେ ପଡ଼ିଯାଇଥିଲି। ଦୁଇ ବର୍ଷ ଦୁହେଁ ପ୍ରେମର ଭରପୂର ମଜା ନେଲୁ। ହେଲେ ହଠାତ୍ ସେ ମୋ ହାତଛାଡ଼ି ଚାଲିଗଲା। ଏବେ ସେ ଆଉ ଜଣେ ନୂଆ ପ୍ରେମିକ ସହ ଘୂରି ବୁଲୁଛି। ମୁଁ କ'ଣ କରିବି ?

–ବିଶ୍ୱଜିତ୍, ଯାଜପୁର

**ଉତ୍ତର :** ଆପଣ ଏବେ କ'ଣ କରିପାରିବେ ବୋଲି ଭାବୁଛନ୍ତି ? ଯାହାକୁ ନେଇ କାହିଁ କେତେ ସ୍ୱପ୍ନ ଦେଖିଥିଲେ ସେ ତ ଆଉ ପାଖରେ ନାହିଁ। ଅଧା ବାଟରେ ଧୋକା ଦେଇ ଚାଲିଗଲା। ପୁଣି ଏବେ ଆଉ ଜଣେ ପ୍ରେମିକ ସହ ବୁଲୁଛି ବୋଲି ଉଲ୍ଲେଖ କରିଛନ୍ତି। ତେବେ ସେଭଳି ପ୍ରେମିକା କେତେ ଭରସାଯୋଗ୍ୟ ତାହା ଥରେ ଚିନ୍ତା କରନ୍ତୁ। ଆପଣଙ୍କ ପ୍ରେମର ଫାଉଣ୍ଡେଶନ ନିଶ୍ଚୟ ଦୁର୍ବଳ ଥିଲା। ସେଥିରେ ଆଗ୍ରହ ଅଧିକ ବିଶ୍ୱାସ କମ୍ ଥିଲା। ତେଣୁ ସେଭଳି ପ୍ରେମିକା ପ୍ରେମକୁ ଆଉ ମନେ ପକାଇ ଫାଇଦା କ'ଣ କହିଲେ ? ଯେତେସମ୍ଭବ ସେହି ପ୍ରେମିକାକୁ ନିଜ ମନରୁ ପୋଛି ଦିଅନ୍ତୁ। କାରଣ ତାକୁ ଯେତେ ମନେ ପକାଇବେ ଆପଣଙ୍କ ମନ ଭିତରେ ଜୁଳୁଥିବା ଅନୁତାପର ନିଆଁ ସେତେ ଲେଲିହାନ୍ ହୋଇ ଜଳିବ ଆଉ ସେଥିରେ ଆପଣ ସନ୍ତୁଳି ହେଉଥିବେ।

# ନେହେରୁଙ୍କ ଚିଠି ଇନ୍ଦିରାଙ୍କ ପାଇଁ





My dear Indira,

It is no easy matter to decide what is right and what is not. One little test I shall ask you to apply whenever you are in doubt. Never do anything in secret or anything that you would wish to hide. For the desire to hide anything means that you are afraid, and fear is a bad thing and unworthy of you. Be brave, and all the rest follows.

You know that in our great Freedom Movement, under Bapuji's leadership, there is no room for secrecy or hiding. We have nothing to hide. We are not afraid of what we do or what we say. We work in the sun and in the light. Even so in our private lives let us make friends with the sun and work in the light and do nothing secretly. And if you do so, my dear you will grow up a child of the light, unafraid and serene and unruffled, whatever may happen.
With all my love and good wishes.

Your loving father,
Jawaharlal Nehru

ବାପା, ନିଜର ଲହୁ ଲୁହକୁ ଏକ କରି ଗଢ଼ନ୍ତି ସନ୍ତାନର ଭବିଷ୍ୟତ। ତାଙ୍କ ଅନୁଶାସନ, ପଥନିର୍ଦ୍ଦେଶନ ପାଇଁ ହିଁ ପିଲାମାନେ ପହଞ୍ଚିପାରନ୍ତି ଲକ୍ଷ୍ୟସ୍ଥଳରେ। ଭାରତର ଲୌହ ନାରୀ ବା ଆଇରନ୍ ଲେଡିଭାବେ ପରିଚିତ ତଥା ଭାରତର ପ୍ରଥମ ଓ ଏକମାତ୍ର ମହିଳା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ଜଣେ ନିର୍ଭୀକ ନାରୀ ଭାବେ ଗଢ଼ିବାରେ ବି ତାଙ୍କ ବାପା ତଥା ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କର ବହୁତ ବଡ଼ ଭୂମିକା ଥିଲା। ନେହେରୁ ଝିଅ ଇନ୍ଦିରାଙ୍କୁ ଦେଇଥିବା ଚିଠି ପଢ଼ିଲେ ତାହା ସ୍ପଷ୍ଟ ଜାଣିହୁଏ। ୧୯୨୮ରେ ଜବାହରଲାଲ ନେହେରୁ ଇନ୍ଦିରାଙ୍କୁ ୩୦ଟି ଚିଠି ଦେଇଥିଲେ। ସେତେବେଳେ ଇନ୍ଦିରାଙ୍କୁ ୧୦ ବର୍ଷ ବୟସ ହୋଇଥାଏ। ଏହି ଚିଠିସବୁରେ ଇନ୍ଦିରା ପୂର୍ବରୁ ପଚାରିଥିବା ଅନେକ ପ୍ରଶ୍ନର ଉତ୍ତର ନେହେରୁ ଦେଇଥିଲେ। ତାସହ ସେଥିରେ ସଭ୍ୟତା, ଜାତି, ଧର୍ମ ସମ୍ପର୍କରେ ବି ଅନେକ ସୁନ୍ଦର ଓ ସରଳ ବ୍ୟାଖ୍ୟା କରାଯାଇଥିଲା। ପ୍ରଥମ ପତ୍ରରେ ସେ ଲେଖିଥିଲେ ଯେ, ଯେବେ ତୁମେ ପାଖରେ ରୁହ ମତେ ଅନେକ ପ୍ରଶ୍ନ କର। ଆଉ ସେସବୁର ଉତ୍ତର ଦେବାକୁ ମୁଁ ପ୍ରୟାସ କରେ। ଏବେ କିନ୍ତୁ ତୁମେ ମସୌରୀରେ ଓ ମୁଁ ଆଲ୍ଲାହାବାଦରେ। ସିଧାସଳଖ କଥା ହେବା ସମ୍ଭବ ହୋଇପାରୁ ନାହିଁ। ତେଣୁ ମୁଁ ଚିଠି ମାଧ୍ୟମରେ ଏଇ ଦୁନିଆର ତଥା ଦୁନିଆ ଭିତରେ ଥିବା ଛୋଟ ବଡ଼ ଦେଶର ଛୋଟବଡ଼ କଥା ଲେଖି ତୁମକୁ ପଠାଇବି। ଏହାପରେ ନେହେରୁ ଗୋଟେ ଗୋଟେ କରି ଅନେକ ଚିଠି ଲେଖିଥିଲେ। ସେଇ ଚିଠି ପଢ଼ିଲେ ଜାଣିହୁଏ, ଜଣେ ପିତା କିଭଳି ବେଶ୍ ସହଜତାର ସହ ନିଜ ଝିଅକୁ ଲକ୍ଷ ଲକ୍ଷ ବର୍ଷର ଇତିହାସ ଓ ସମାଜର ରୀତିନୀତିକୁ ବୁଝାଇଛନ୍ତି। ଏହିସବୁ ଚିଠିକୁ ନେଇ ପରବର୍ତ୍ତୀ ସମୟରେ ଏକ ପୁସ୍ତକ ପ୍ରକାଶ କରାଯାଇଥିଲା, ଯାହାର ନାଁ ଥିଲା 'ଲେଟର୍ସ ଫ୍ରମ୍ ଏ ଫାଦର ଟୁ ହିଜ୍ ଡଟର୍'। ଏହାପରେ ମୁନ୍‌ସି ପ୍ରେମଚାନ୍ଦ ଏହାର ହିନ୍ଦୀ ଅନୁବାଦ କରିଥିଲେ। ହିନ୍ଦୀ ପ୍ରକାଶିତ ପୁସ୍ତକର ନାମ ଥିଲା 'ପିତା କା ପତ୍ର ପୁତ୍ରୀ କେ ନାମ'। ଏଥିରେ ପ୍ରେମଚାନ୍ଦ ନେହେରୁଙ୍କର ଚିନ୍ତାଧାରାକୁ ଏତେ ସରଳଭାବେ ଉପସ୍ଥାପନ କରିଛନ୍ତି ଯେ, ଚିଠି କେବଳ ଚିଠି ନ ରହି ବାପା-ଝିଅଙ୍କ ମଧ୍ୟସ୍ଥ ଭାବନାତ୍ମକ କାହାଣୀ ପାଲଟି ଯାଇଛି। ସେହି ଚିଠି ମଧ୍ୟରୁ ଦୁଇଟିକୁ ଉଲ୍ଲେଖ କରୁଛୁ...






(୧)
ପ୍ରିୟର ଇନ୍ଦିରା,
କେଉଁଟି ଠିକ୍ ଓ କେଉଁଟି ଭୁଲ୍ ତା'ର ନିଷ୍ପତ୍ତି ନେବା ଆଦୌ ସହଜ ନୁହେଁ। ତେବେ ଏଭଳି ଦ୍ୱନ୍ଦ୍ୱ ସମୟରେ ମୁଁ ତୁମକୁ ଗୋଟିଏ କାମ କରିବାକୁ କହିବି। କେବେବି କୌଣସି କାମ ଲୁକ୍କାୟିତଭାବେ କରିବ ନାହିଁ କିମ୍ବା କୌଣସି କଥାକୁ ଲୁଚାଇବାକୁ ଚେଷ୍ଟା କରିବ ନାହିଁ। କିଛି ଲୁଚାଇବାର ଅର୍ଥ ହେଉଛି ତୁମେ ଭୟଭୀତ ଅଛ। ଆଉ ଭୟ କରିବା ଆଦୌ ଠିକ ନୁହେଁ। ଏହା ତୁମକୁ ଅଯୋଗ୍ୟ କରିଦେବ। ସାହସୀ ହୁଅ। ଦେଖିବ ସମସ୍ତେ ତୁମକୁ ଅନୁସରଣ କରିବେ।
ତୁମେ ଜାଣିରଖିବା ଜରୁରୀ ଯେ, ବାପୁଜୀଙ୍କ ନେତୃତ୍ୱରେ ଚାଲିଥିବା ଆମର ସ୍ୱାଧୀନତା ଆନ୍ଦୋଳନରେ ଗୋପନୀୟତା କିମ୍ବା ଲୁଚାଛପାର କୌଣସି ସ୍ଥାନ ନାହିଁ। ଆମର ଲୁଚାଇବା ପାଇଁ କିଛି ନାହିଁ। ଆମେ ଯାହା କରୁଛୁ ଅବା ଯାହା କହୁଛୁ ସେଥିପାଇଁ ଆମେ ଭୟଭୀତ ନୁହେଁ। ଆମେ ଆଲୋକରେ ଥାଇ କାମ କରୁଛୁ। ଏମିତିକି ନିଜର ବ୍ୟକ୍ତିଗତ ଜୀବନରେ ବି ଆମେ ସୂର୍ଯ୍ୟସମ ବ୍ୟକ୍ତିଙ୍କ ସହ ବନ୍ଧୁତା କରିବା, କାମ କରିବା ଆଲୋକରେ। ଲୁକ୍କାୟିତଭାବେ କିଛି କରିବା ନାହିଁ। ଯଦି ତୁମେ ଏଭଳି କର ତେବେ ତୁମେ ଆଲୋକର ସନ୍ତାନ, ନିର୍ଭୀକ, ଶାନ୍ତଚିତ୍ତର ମଣିଷଭାବେ ବିକଶିତ ହେବ। ଆଉ ଯାହା ବି ଘଟିବ ସେଥିରେ ମୋର ଭଲ ପାଇବା ଓ ଶୁଭକାମନା ରହିଥିବ।

(୨)ପ୍ରିୟର ଇନ୍ଦିରା,
ଭାରତରେ ବିବିଧତା ଭରି ରହିଛି। ଏଠାରେ ଭିନ୍ନ ଭିନ୍ନ ରଙ୍ଗରୂପ ଓ କ୍ଷମତାର ଲୋକ ରୁହନ୍ତି। ଭାରତର ବିବିଧତା ହିଁ ଆମର ପରିଚୟ। ଡରରେ କରୁଥିବା କାମ ଆଦୌ ଉଚିତ ନୁହେଁ। ଜାଣିରଖ ଧର୍ମ ମଧ୍ୟ ଡରରୁ ସୃଷ୍ଟି ହୋଇଛି। ତେଣୁ ଧର୍ମକୁ ନେଇ ଦଙ୍ଗାଫସାଦ କରିବା ଠିକ୍ ନୁହେଁ।
ପ୍ରିୟର ଝିଅ ଯିଏ ନିଜକୁ ବଦଳାଇ ପାରିପାର୍ଶ୍ୱିକ ସ୍ଥିତି ସହ ଖାପ ଖୁଆଇପାରେ ସେମାନଙ୍କ ପାଇଁ ବଞ୍ଚି ରହିବା ସହଜ ହୋଇଯାଏ।
ଆମକୁ ମନେ ରଖିବା ଦରକାର ଯେ, ଆମେ ମାଙ୍କଡ ଓ ବଣମଣିଷଙ୍କ ବଂଶଜ ଅଟୁ। ତମେ ଯଦି ଧ୍ୟାନ ସହକାରେ ଲୋକଙ୍କ ସ୍ୱଭାବକୁ ଆକଳନ କରିବ ତେବେ ପାଇବ ଯେ, ଏବେବି ଆମମାନଙ୍କ ମଧ୍ୟରେ ଅନେକ ଲୋକଙ୍କ ସ୍ୱଭାବ ମାଙ୍କଡ ଭଳି।
ଇଂରେଜମାନେ ନିଜକୁ ପୃଥିବୀର ସବୁଠାରୁ ଶ୍ରେଷ୍ଠ ମନେ କରୁଛନ୍ତି। ଫ୍ରାନ୍ସବାସୀଙ୍କର ମଧ୍ୟ ଏହି ଧାରଣା ଯେ, ସେମାନେ ହିଁ ସବୁଠାରୁ ଶ୍ରେଷ୍ଠ। ଜର୍ମାନୀ, ଆମେରିକୀୟ ଓ ଅନ୍ୟ ଜାତିମାନେ ମଧ୍ୟ ନିଜକୁ ଶ୍ରେଷ୍ଠ ମନେ କରନ୍ତି। ଏମିତିକି ସବୁ ଦେଶର ଲୋକଙ୍କୁ ଲାଗେ ଆମେ ହିଁ ସବୁଠାରୁ ଶ୍ରେଷ୍ଠ ଓ ବୁଦ୍ଧିମାନ। ଅନ୍ୟ ଜାତି ଓ ଧର୍ମର ଲୋକ ଖରାପ ଅଟନ୍ତି।
କେତେ ଭଲ ହୋଇଥାନ୍ତା ଯଦି ପୃଥିବୀର ସବୁ ଲୋକ ଖୁସି ଓ ସୁଖରେ ରୁହନ୍ତେ। ଆମକୁ ପ୍ରୟାସ କରିବାକୁ ହେବ ଯେ, ସାରା ଦୁନିଆ ଏମିତି ହୋଇଯାଉ, ଯେଉଁଠି ଲୋକ ଶାନ୍ତିରେ ରହିପାରିବେ।
ଗଳିକନ୍ଦିରେ ଲଢୁଥିବା ଦୁଇ ଲୋକଙ୍କୁ ଆମେ ପାଗଳ ଓ ବୋକା ଭାବୁ। ତୁରନ୍ତ ପୋଲିସକୁ ଡକାଉ। ପୋଲିସ ସେମାନଙ୍କୁ ଲାଠି ମାରନ୍ତି। ତେବେ ଯେତେବେଳେ ଦୁଇଟି ବଡ଼ ଦେଶ ଲଢ଼ିବାକୁ ଲାଗନ୍ତି ଓ ଲକ୍ଷ ଲକ୍ଷ ଲୋକ ମୃତ୍ୟୁବରଣ କରନ୍ତି, ତାହା କେତେବଡ଼ ମୂର୍ଖାମି ଓ ପାଗଳପଣ ଭାବିବା ଦରକାର।
ମିଳିମିଶି କାମ କରିବା ଏକୁଟିଆ କାମ କରିବାଠାରୁ ଶ୍ରେୟସ୍କର। ସମସ୍ତଙ୍କ ଉପକାର ପାଇଁ ଏକାଠି କାମ କରିବା ସବୁଠାରୁ ଭଲ କଥା।

ତୁମ ପ୍ରିୟର ବାପା
ଜବାହରଲାଲ ନେହେରୁ








## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



ସ୍ୱସ୍ତିକ୍

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: ଓଡ଼ିଶା ଫ୍ୟାଶନ ଭିଲ୍ଲା

## ହାଃ ହାଃ

### ଏନ୍‌ଗେଜ୍‌ମେଣ୍ଟ

ପପୁ ନିଜର ଏନ୍‌ଗେଜ୍‌ମେଣ୍ଟ ଭାଙ୍ଗିବା ପରେ ମନୋଜ ପପୁକୁ- ତୁ ଏନ୍‌ଗେଜ୍‌ମେଣ୍ଟ କାହିଁକି ଭାଙ୍ଗିଲୁ ?
ପପୁ- ତା'ର ପରା ଆଜିଯାଏଁ କେହି ବୟଫ୍ରେଣ୍ଡ ହୋଇନାହାନ୍ତି।
ମନୋଜ- ଏଇଟା ତ ଭଲ କଥା।
ପପୁ- ଭଲ ନା ଚୋପା। ଯିଏ ଆଜିଯାଏଁ କାହାର ହୋଇପାରିନି, ସିଏ ମୋର କେମିତି ହୋଇପାରିବ ?

### ପ୍ରଶଂସା

ସ୍ୱାମୀ ସ୍ତ୍ରୀକୁ ଫୋନ୍ କରି- ତମେ ବହୁତ ଭଲ।
ସ୍ତ୍ରୀ- ଥ୍ୟାଙ୍କସ୍।
ସ୍ୱାମୀ-ତମେ ପୂରା ରାଜକୁମାରୀ ପରି ସୁନ୍ଦରୀ।
ସ୍ତ୍ରୀ- ଥାଙ୍କ ୟୁ ସୋ ମଚ୍ ଡିୟର୍। ହେଲେ ତମେ ଏବେ କୋଉଠି ଓ କ'ଣ କରୁଛ ? ଆଜି କ'ଣ ମୋତେ ଏତେ ପ୍ରଶଂସା କରୁଛ ?
ସ୍ୱାମୀ- ଅଫିସ୍‌ରେ ଅଛି। ଆଉ ଟିକେ ଫ୍ରି ଥିଲି। ଭାବିଲି ତମ ସହିତ ଟିକେ ଥଟ୍ଟା ମଜା କରି ଟାଇମ୍ ପାସ୍ କରିବି।

### ଭାଗ୍ୟ

ଶିକ୍ଷକ ମଣ୍ଟୁକୁ- ତୁ ଏଇ ଗଣିତ କରିପାରୁନୁ। ଗଧ କୋଉଠିକାର। ମୁଁ ତୋ ବୟସର ହୋଇଥିବାବେଳେ ୟାଠୁ କେତେ କଷ୍ଟ ଗଣିତ ସମାଧାନ କରିଦେଇପାରୁଥିଲି।
ମଣ୍ଟୁ- ସାର୍, ଆପଣଙ୍କୁ ଭଲ ଓ ବୁଦ୍ଧିଆ ଶିକ୍ଷକ ପଢ଼ାଉଥିଲେ ବୋଧେ। ହେଲେ ସମସ୍ତଙ୍କ ଭାଗ୍ୟରେ କ'ଣ ସେମିତିଆ ଶିକ୍ଷକ ଜୁଟନ୍ତି।



# ବର୍ଷାରେ ଭ୍ରମଣ ଚେରାପୁଞ୍ଜି

ମେଘାଳୟର ଇଷ୍ଟ ଖାସି ହିଲ୍ସ ଜିଲା ଅନ୍ତର୍ଗତ ଏକ ଆକର୍ଷଣୀୟ ସ୍ଥାନ ହେଉଛି ଚେରାପୁଞ୍ଜି। ଏହା ସ୍ଥାନୀୟ ଅଞ୍ଚଳରେ ସୋହରା ନାମରେ ମଧ୍ୟ ପରିଚିତ। ଅଧିକ ମାତ୍ରାରେ ବର୍ଷା ହେଉଥିବାର ଭିନ୍ନ ଏକ ରେକର୍ଡ ବି ଏହି ସ୍ଥାନ ନାଁରେ ରହିଛି। ସେଥିପାଇଁ ଏହି ସ୍ଥାନକୁ ଅନେକେ ପୃଥିବୀର ଏକ ଆଦ୍ରତାପୂର୍ଣ୍ଣ ସ୍ଥାନ ଭାବେ ମଧ୍ୟ ଗଣନା କରିଥାନ୍ତି। ପ୍ରାକୃତିକ ବୈଭବରେ ଭରା ଚେରାପୁଞ୍ଜିରେ କେବଳ ଅଧିକ ମାତ୍ରାରେ ବର୍ଷା ହୁଏ ତାହା ନୁହେଁ, ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ ପାଇଁ ବି ଏଠାରେ ରହିଛି ଅନେକ ସୁନ୍ଦର ସୁନ୍ଦର ପର୍ଯ୍ୟଟନସ୍ଥଳୀ। ଖାସ୍ ସେଥିପାଇଁ ଏଠାରେ ପର୍ଯ୍ୟଟକଙ୍କର ବେଶ୍ ଭିଡ଼ ଦେଖିବାକୁ ମିଳିଥାଏ।

### କେବେ ଯିବେ

ଚେରାପୁଞ୍ଜିର ଜଳବାୟୁ ବର୍ଷସାରା ବେଶ୍ ମନୋରମ ରହିଥାଏ। ତେବେ ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ରର ମତାନୁଯାୟୀ, ଏଠାକୁ ବୁଲିଯିବା ପାଇଁ ଶୀତଦିନେ ମୁଖ୍ୟତଃ ଅକ୍ଟୋବରରୁ ଫେବୃୟାରୀ ହେଉଛି ସବୁଠୁ ଭଲ ସମୟ। କାରଣ ଏହି ସମୟରେ ଏଠାକାର ପାଣିପାଗ ବୁଲାବୁଲି କରିବାକୁ ବେଶ୍ ଅନୁକୂଳ ରହିଥାଏ। ତା'ଛଡ଼ା ନୂଆ ନୂଆ ଖରା ଆରମ୍ଭ ହେଉଥିବା ସମୟରେ ବି ଏଠାକୁ ବୁଲି ଯାଇହେବ। କିନ୍ତୁ ବର୍ଷାଦିନେ ଏଠାରେ ପ୍ରବଳ ବର୍ଷା ହେଉଥିବାରୁ ସେହି ସମୟରେ ଗଲେ ବୁଲିବାକୁ ଟିକେ ଅସୁବିଧା ହୋଇଥାଏ। କିନ୍ତୁ ଯେଉଁମାନଙ୍କୁ ବର୍ଷାରେ ଭିଜିବାକୁ ଭଲ ଲାଗେ, ସେମାନଙ୍କ ପାଇଁ ବର୍ଷାଦିନ ବେଶ୍ ଉପଯୁକ୍ତ ହୋଇଥାଏ।

### କେମିତି ଯିବେ

ଗୁଆହାଟୀ ଏୟାରପୋର୍ଟ ହେଉଛି ଚେରାପୁଞ୍ଜିର ନିକଟତମ ତଥା ଏକ ପ୍ରମୁଖ ବିମାନବନ୍ଦର। ତେବେ ଏହି ଏୟାରପୋର୍ଟଟି ଦେଶର ବହୁ ପ୍ରମୁଖ ସହର ଯେମିତିକି: ଦିଲ୍ଲୀ, କୋଲ୍‌କାତା, ମୁମ୍ବାଇ ଆଦି ସ୍ଥାନ ସହ ସିଧାସଳଖ ସଂଯୋଗ କରିଥାଏ। ତା'ଛଡ଼ା ପର୍ଯ୍ୟଟକ ଚାହିଁଲେ ଟ୍ରେନ୍ ତଥା ବସ୍ ଯୋଗେ ମଧ୍ୟ ଯାଇ ସୁବିଧାରେ ଚେରାପୁଞ୍ଜି ପହଞ୍ଚିପାରିବେ।

**ପ୍ରାକୃତିକ ବୈଭବରେ ଭରା ଚେରାପୁଞ୍ଜି ମେଘାଳୟର ଏମିତି ଏକ ସ୍ଥାନ, ଯେଉଁଠାରେ ଅଧିକ ମାତ୍ରାରେ ବର୍ଷା ହେଉଥିବାର ନଜିର ଦେଖିବାକୁ ମିଳିଥାଏ। ଖାସ୍‌କରି ବର୍ଷାପ୍ରିୟ ପର୍ଯ୍ୟଟକଙ୍କ ପାଇଁ ଏହା ଏକ ମନୋରମ ସ୍ଥାନ କହିଲେ ଚଳେ...**


### କ'ଣ ଦେଖିବେ

ଅଧିକ ମାତ୍ରାରେ ବର୍ଷା ହେଉଥିବା ସ୍ଥାନ ଭାବେ ଖ୍ୟାତି ଅର୍ଜନ କରିଥିବା ଚେରାପୁଞ୍ଜିରେ ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ରହିଛି ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ଯେମିତିକି:

***ପାହାଡ଼ି ଇଲାକା:** ଚେରାପୁଞ୍ଜିରେ ରହିଛି ଅନେକ ଉଚ୍ଚ ଉଚ୍ଚ ପାହାଡ଼ ତଥା ଜଙ୍ଗଲୀ ପରିବେଶ। ଆକର୍ଷଣୀୟ ପ୍ରାକୃତିକ ପରିବେଶରେ ଭରା ଏହି ସ୍ଥାନରେ ପର୍ଯ୍ୟଟକ ଅନେକ ରଙ୍ଗବେରଙ୍ଗର ଫୁଲ ତଥା ବହୁ ବିରଳ ପଶୁପକ୍ଷୀଙ୍କୁ ଦେଖିବାର ସୁଯୋଗ ପାଇପାରିବେ।

***ନୋହକାଲିକାଇ ଝରଣା:** ଚେରାପୁଞ୍ଜିରେ ଥିବା ଏହି ଝରଣାର ନାମକରଣକୁ ନେଇ ରହିଛି ଏକ ଦୁଃଖଦ କାହାଣୀ। କୁହାଯାଏ, କାଲିକାଇ ନାମକ ଏକ ମହିଳା ବହୁ ବର୍ଷ ପୂର୍ବେ ଭୁଲବଶତଃ ନିଜ ଝିଅକୁ ମାରିଦେଇଥିଲେ ଏବଂ ପରେ ସେକଥା ଜଣାପଡିବାରୁ ସେ ଆସି ଏହି ଝରଣାରେ ଆତ୍ମହତ୍ୟା କରିଥିଲେ। ଫଳରେ ସେହି ଦିନଠାରୁ ତାଙ୍କରି ନାମାନୁସାରେ ଏହି ଝରଣାର ନାମ ନୋହକାଲିକାଇ ରଖାଯାଇଥିଲା ବୋଲି ଅନୁମାନ କରାଯାଏ।







***ସେଭେନ୍ ସିଷ୍ଟର୍ସ ଫଲ୍ସ:** ଏହା ମଧ୍ୟ ହେଉଛି ଚେରାପୁଞ୍ଜିର ଅନ୍ୟତମ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ସମୁଦ୍ରପତ୍ତନଠାରୁ ପ୍ରାୟ ୧,୦୩୩ ଫୁଟ୍ ଉଚ୍ଚତାରେ ଥିବା ଏହି ଝରଣାରେ ସାତ ଧାର ହୋଇ ପାଣି ବେଶ୍ ପ୍ରଖର ଗତିରେ ପାହାଡ଼ ଉପରୁ ତଳକୁ ଖସିଥାଏ; ଯାହା ଦେଖିବାକୁ ବେଶ୍ ଆକର୍ଷଣୀୟ ଲାଗିଥାଏ। ସେଥିପାଇଁ ସ୍ଥାନୀୟ ଲୋକେ ଏହାକୁ ସେଭେନ୍ ସିଷ୍ଟର୍ସ ଫଲ୍ସ ବୋଲି କହିବାକୁ ଲାଗିଲେ।

***ଗୁମ୍ଫାର ସମ୍ଭାର:** କୁହାଯାଏ, ମେଘାଳୟରେ କୁଆଡେ ଶତାଧିକ ଗୁମ୍ଫାମାନ ଦେଖିବାକୁ ମିଳିଥାଏ। ଚେରାପୁଞ୍ଜିରେ ବି ପର୍ଯ୍ୟଟକ ଅନେକ ଗୁମ୍ଫା ଦେଖିବାକୁ ପାଇପାରିବେ। ତନ୍ମଧ୍ୟରୁ କିଛି ଗୁମ୍ଫା ଏମିତି ବି ରହିଛି, ଯାହା ପ୍ରାୟ ୧ କି.ମି ଲମ୍ବ ବିଶିଷ୍ଟ ମଧ୍ୟ ହୋଇଥାଏ।

ତେବେ ସେ ଯାହା ବି ହେଉ, ବର୍ଷାର ପରିମାଣ ଏଠାରେ ଅଧିକ ହେଉଥିବାରୁ ଏଠାକାର ଜଳବାୟୁ ବର୍ଷସାରା ବେଶ୍ ଆଦ୍ରତାପୂର୍ଣ୍ଣ ରହିଥାଏ। ଫଳରେ ଏଠାରେ ଖରାଦିନେ ମଧ୍ୟ ସେତେ ବେଶି ଗରମ ଜଣାପଡ଼େ ନାହିଁ, ଯେଉଁଥିପାଇଁ ଖରାଛୁଟି କଟାଇବାକୁ ବହୁ ପର୍ଯ୍ୟଟକ ଏଠାକୁ ବୁଲିଆସିଥାନ୍ତି।









# କୁନି କୁକୁରର ବଡ଼ କମାଲ

**କୋ**ଞ୍ଜୋ ଏକ କୁନି କୁକୁର। କଳାରଙ୍ଗର ଏଇ କୁକୁରଟି ଅଧା ପାପିଲନ୍, ଚାରିଭାଗରୁ ଏକ ଭାଗ ଜ୍ୟାକ୍ ରଶେଲ୍ ଟେରିଏର୍ ଏବଂ ଅନ୍ୟ ଚାରିଭାଗରୁ ଏକ ଭାଗ ଚିହୁଆହୁଆ ପ୍ରଜାତିର । ଏକ ମିଶ୍ରଣ ପ୍ରଜାତିର ଏହି କୁକୁରଟି ବେଶ୍ ଛୋଟ, ହେଲେ ନିଜ ନାମକୁ ସେ ଗିନିଜ ୱାର୍ଲଡ ରେକର୍ଡସରେ ସ୍ଥାନିତ କରିପାରିଛି। ୨୦୧୪, ଡିସେମ୍ବର ୨୨ ତାରିଖ କାଲିଫର୍ନିଆର ଟସ୍କିନ ସ୍ପୋର୍ଟସ୍ ପାର୍କରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପଛ ଦୁଇ ଗୋଡ଼କୁ ଉପରକୁ ଟେକି, ଆଗ ଦୁଇ ଗୋଡ଼ରେ ଦୌଡ଼ି ୫ ମିଟର ଦୂରତାକୁ ୫.୩୭ ସେକେଣ୍ଡରେ ଅତିକ୍ରମ କରି ସେ ରେକର୍ଡ କରିଛି। ଆଉ ମାନ୍ୟତା ପାଇଛି ସବୁଠୁ କମ୍ ସମୟରେ ଆଗ ଗୋଡ଼ରେ ୫ ମିଟର ଦୂରତା ଅତିକ୍ରମ କରିଥିବା କୁକୁରଭାବେ। କୋଞ୍ଜୋର ମାଲିକ ପାଷ୍ଟରନାକ କହନ୍ତି, 'କୋଞ୍ଜୋ ଛୋଟ ବେଳୁ ଆଗ ଦୁଇ ଗୋଡ଼ରେ ଚାଲିବା ଆରମ୍ଭ କରିଥିଲା। ବୋଧହୁଏ ତା'ର ଛୋଟ ଶରୀର ଲାଗି ସେ ଏତେ ଭଲ ଭାବେ ଏଭଳିଭାବେ ଦୌଡ଼ି ଓ ଚାଲିପାରେ।'

## କାର୍ଟୁନ କର୍ନର



# କୋଶଳାଶୁଣୀ ଜଙ୍ଗଲ



ବୃକ୍ଷ ହିଁ ଜୀବନ। ହେଲେ ଦିନକୁ ଦିନ ଜଙ୍ଗଲରୁ ବହୁଳମାତ୍ରାରେ ଗଛ କଟା ହେବା ଯୋଗୁ ଜଙ୍ଗଲ କ୍ଷୟ ହେଉଛି। ଏଥିଯୋଗୁ ପ୍ରକୃତି ତା'ର ଭାରସାମ୍ୟ ହରାଇବାକୁ ବସିଲାଣି। ଏମିତିକି ପରିବେଶ ସନ୍ତୁଳନରେ ବାଧା ବି ଉପୁଜିଲାଣି। ଏମିତି ପରିସ୍ଥିତିରେ କେତେକ ଗାଁର ଲୋକମାନେ ଜଙ୍ଗଲ ବଞ୍ଚାଇବାର ପ୍ରୟାସ ଜାରି ରଖିଛନ୍ତି।


ଖୋର୍ଦ୍ଧା ଜିଲାର ଖୋର୍ଦ୍ଧା ବନଖଣ୍ଡ ଅଧୀନ ବୋଲଗଡ଼ ବ୍ଲକ ଅନ୍ତର୍ଗତ ଆରିକମା ଗ୍ରାମସ୍ଥିତ କୋଶଳାଶୁଣୀ ଜଙ୍ଗଲ। ପ୍ରାୟ ଏରିଆ–ଏ୩୦୭.୫୮୪ଡିସିମିଲରୁ ଅଧିକ। ମାଣିବନ୍ଧ, ଅଟକ ଜଙ୍ଗଲ ଅନ୍ତର୍ଗତ ଆରିକମା ଜଙ୍ଗଲ ରହିଛି। ଏହି ଜଙ୍ଗଲ ଉପରେ ନିର୍ଭରଶୀଳ ଗାଁ ଭାବେ– ଆରିକମା, ଭବାନୀପୁର, ଶଙ୍କରପୁର, କାଦୁଆପଡ଼ା, ଠଣାପଲ୍ଲୀ ଓ କୋଟସିଙ୍ଗା । କିନ୍ତୁ ଏହି ଜଙ୍ଗଲ ସୁରକ୍ଷା ସମ୍ପର୍କରେ ଜଙ୍ଗଲ ସୁରକ୍ଷାସମିତିର ସଭାପତି ବଂଶୀଧର ପଣ୍ଡା କୁହନ୍ତି,ଜଙ୍ଗଲ ସୁରକ୍ଷାକାରୀ ବନ୍ଧୁମାନେ ହାତରେ ଠେଙ୍ଗା, କାନ୍ଧରେ ହତିଆର ଧରି ଜଙ୍ଗଲର ସୁରକ୍ଷା କରିଆସୁଛନ୍ତି। ଜଣେ କି ଦୁଇଜଣ ନୁହେଁ ପ୍ରାୟ୬/୭ଖଣ୍ଡ ଗାଁର ବଛାବଛା ଜଙ୍ଗଲ ସମିତିର ସଦସ୍ୟମାନେ। ଜଙ୍ଗଲର ସୁରକ୍ଷା ଓ ସଂରକ୍ଷଣ ବ୍ୟବସ୍ଥା ଲାଗି ଗାଁର ଲୋକେ ଠେଙ୍ଗାପାଳି ଅନୁଯାୟୀ କ୍ରମାନ୍ୱୟରେ ପ୍ରତିଦିନ୧୨ଜଣ ଲେଖାଏଁ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଜଙ୍ଗଲରେ ପହରା ଦେଇଆସୁଛନ୍ତି। ରାତିରେ ମଧ୍ୟ ଜଗାରଖା କରାଯାଇଥାଏ। ଯଦି କାହାରି ପାଳିରେ ତ୍ରୁଟି ପରିଲକ୍ଷିତ ହୁଏ, ତେବେ ଗାଁ ଲୋକଙ୍କ ସମୂହ ନିଷ୍ପତ୍ତିରେ ବିଚାର ଅନୁସାରେ ୫୦ଟଙ୍କା ଆଦାୟ କରାଯାଏ। ଜଗୁଆଳିମାନଙ୍କ ରହଣି ନିମନ୍ତେ ୪ଟି ଆବାସସ୍ଥଳ, ପିଇବାପାଣି ପାଇଁ କୂଅ ଓ ସାଧାରଣ ଯାତ୍ରୀଙ୍କ ପାଇଁ ବିଶ୍ରାମାଗାରକୁ ଗ୍ରାମବାସୀ ତିଆରି କରିଛନ୍ତି। ଜଙ୍ଗଲକମିଟି ସଦସ୍ୟମାନଙ୍କ ଗୋଟିଏ ସ୍ଲୋଗାନ 'ଜଙ୍ଗଲ ରକ୍ଷା ଓ ପରିବେଶ ସୁରକ୍ଷା'। ଏହି ଜଙ୍ଗଲରେ ବିଭିନ୍ନ ପ୍ରକାର ଗଛଲତା ମଧ୍ୟରେ ବିଶେଷକରି ପ୍ରାୟ ୯୦ପ୍ରତିଶତ ଶାଳ ଏବଂ ଅନ୍ୟାନ୍ୟ ଗଛ ଭାବେ ପିଆଶାଳ, ଅସନ, ବାହାଡ଼ା, ମହୁଲ, କୁରୁମ, ଶାଗୁଆନ, କେନ୍ଦୁ, ଖୁଆମ, ବାନ୍ଧଣ, କଷାକେନ୍ଦୁ, କୋଚିଲା, ତେନ୍ତୁଳି, ଆମ୍ବ, ପଣସ, ଜାମୁକୋଳି, ବରକୋଳି, ବେଲ, ହରିଡ଼ା, ବାହାଡ଼ା, ଅଁଳା, ନିମ୍ବ ଆଦି ନାନା ପ୍ରକାର ବୃକ୍ଷଲତା ରହିଛି। ସେହିପରି ଏହି ଜଙ୍ଗଲରେ ବାସକରୁଥିବା ପଶୁପକ୍ଷୀଙ୍କ ମଧ୍ୟରେ ଏଠାରେ ଅନେକ ସମୟରେ– ବାରହା, ଝିଙ୍କ, ମୟୂର, ଗାଡ଼ଭାଲୁ, କୁଟ୍ରା, ବଣକୁକୁଡ଼ା, ଅଜଗର, ନେଉଳ, ଠେକୁଆ,ଶିଆଳ ଆଦି ଜୀବଜନ୍ତୁ ଚଳପ୍ରଚଳ କରୁଥିବାର ଦେଖିବାକୁମିଳେ। ଜଙ୍ଗଲ ସୁରକ୍ଷା ଯୋଗୁ ଏହି ଜଙ୍ଗଲ ମଧ୍ୟରେ ବିଭିନ୍ନ ଜୀବଜନ୍ତୁ ଅବାଧରେ ଚରାବୁଲା କରିପାରୁଛନ୍ତି। ପ୍ରଥମେ ଏହି ଜଙ୍ଗଲକୁ ୧୯୬୫ମସିହାରୁ ସଂରକ୍ଷଣ ଓ ସୁରକ୍ଷା କରୁଥିବା ପ୍ରାୟ ୧୫୧ଟି ପରିବାର ମଧ୍ୟରେ ଆରିକମା, ଶଙ୍କରପୁର, ଭବାନୀପୁର ବାସିନ୍ଦା ପ୍ରମୁଖ ଅଛନ୍ତି । ଆଖପାଖ ସ୍ଥାନୀୟ ଗ୍ରାମର ଗରିବ ଲୋକଙ୍କ ଆର୍ଥିକ ସୁଧାର ପାଇଁ ଜଙ୍ଗଲଜାତ ମହୁଲ, ଝାଡୁ, ଶାଳଫୁଲ, ଖଜୁରି ସଂଗ୍ରହ କରିଥାନ୍ତି। ବନସୁରକ୍ଷା ନିମନ୍ତେ ସରକାରୀସ୍ତରରେ ୨୦୦୬ରେ ଜଙ୍ଗଲ ବିଭାଗ ପକ୍ଷରୁ ଏହି ଜଙ୍ଗଲ ସୁରକ୍ଷା ପାଇଁ ଏକ ଜଙ୍ଗଲ ସମିତି ଗଠନ କରାଯାଇଥିଲା। ୨୦ଜଣିଆ ପରିଚାଳନା ପରିଷଦ ଦ୍ୱାରା ପଦକ୍ଷେପ ନିଆଯାଇଥାଏ। ସମ୍ପାଦକ ପ୍ରଦୀପ କୁମାର ପଟ୍ଟନାୟକ କୁହନ୍ତି, ଏହି ଜଙ୍ଗଲ ସୁରକ୍ଷାର ୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ୨୦୧୫ରେ ଖୋର୍ଦ୍ଧା ଜିଲାପାଳ, ଡିଏଫଓ, ରେଞ୍ଜର ଏବଂ ସ୍ଥାନୀୟ ଜନସାଧାରଣ ପରିବେଶବିତ୍ ଯୋଗଦେଇଥିଲେ। ଜଙ୍ଗଲ ସୁରକ୍ଷା ପାଇଁ ଏଠାରେ ୨୧ଜଣଙ୍କୁ ସମ୍ମାନିତ କରାଯାଇଛି। ଏହି ଜଙ୍ଗଲ ମଧ୍ୟରେ ମା କୋଶଳାଶୁଣୀଙ୍କ ପୀଠ ରହିଛି। ଉକ୍ତ ପୀଠକୁ ଏକ ଇକୋ ଟୁରିଜମ କେନ୍ଦ୍ରଭାବେ ଘୋଷଣା କରାଯାଇଛି। ୨୦୧୪ମସିହାରେ ବିଜୁ ପଟ୍ଟନାୟକ ପୁରସ୍କାର, ୨୦୧୬ରେ ପ୍ରକୃତିମିତ୍ର ପୁରସ୍କାର ମିଳିଛି। ପ୍ରତିବର୍ଷ ଜଙ୍ଗଲ ସୁରକ୍ଷାସମିତି ତରଫରୁ ମାର୍ଚ୍ଚ୨୧କୁ ଧରିତ୍ରୀ ଦିବସ, ଜୁନ୍ ୫ ପରିବେଶ ଦିବସ, ଜୁଲାଇ ୧ରୁ ୭ ବନମହୋତ୍ସବ ପାଳନ କରାଯାଇଥାଏ। ଏହି ସମୟରେ ପଡ଼ିଆଜାଗାରେ ନୂଆ ଚାରା ଲଗାଯାଏ। ମୃତ୍ତିକା ସଂରକ୍ଷଣ ପାଇଁ ଆଡ଼ିବନ୍ଧ କରାଯାଇଥାଏ। ଏଥିଯୋଗୁ ଜଙ୍ଗଲ ନିଆଁ ଆୟତ୍ତ ହୋଇପାରୁଛି। କୋଷାଧକ୍ଷ ରାମଚନ୍ଦ୍ର ପ୍ରତାପସିଂହ କୁହନ୍ତି– ଗ୍ରାମବାସୀଙ୍କ ଉଦ୍ୟମରେ ଲୁପ୍ତପ୍ରାୟ ଜଙ୍ଗଲର ସୁରକ୍ଷା ହୋଇପାରୁଛି। କିନ୍ତୁ ଜୀବଜନ୍ତୁଙ୍କ ପାଇଁ ପିଇବାପାଣିର ଅଭାବ ଯୋଗୁ ସେମାନେ ରାସ୍ତା ଉପରକୁ ପାଣିପିଇବା ସନ୍ଧାନରେ ଚାଲିଆସୁଥିବା ବେଳେ ବିପଦର ସମ୍ମୁଖୀନ ହୋଇଥାନ୍ତି। ତେଣୁ ଜଳାଶୟର ଆବଶ୍ୟକତା ରହିଛି। ତେବେ ଗ୍ରାମବାସୀଙ୍କ ଉଦ୍ୟମରେ ଏହି ସବୁଜିମା ପରିବେଶ ସୃଷ୍ଟି ହୋଇଛି। ଏଥିପାଇଁ ଦିନରାତି ଜଙ୍ଗଲ ଜଗିବାକୁ ଚିନ୍ତା କରିଛନ୍ତି। ଅନ୍ୟପକ୍ଷେ ଏହି ପ୍ରାକୃତିକ ପରିବେଶକୁ ଦେଖିବା ପାଇଁ ବର୍ଷର ବିଭିନ୍ନ ସମୟରେ ଏଠାକୁ ପ୍ରକୃତିପ୍ରେମୀ, ପରିବେଶବିତ୍ ଓ ପର୍ଯ୍ୟଟକମାନେ ଆସିଥାନ୍ତି।


–ବନବିହାରୀ ବେହେରା













ବ୍ୟାକ୍ ପେଜ୍

# ବାପାଙ୍କ ପ୍ରେରଣାରେ ହେଲେ ବିଶିଷ୍ଟ ଚିତ୍ରଶିଳ୍ପୀ

୬ ଜୁଲାଇ ୧୯୦୭ରେ ମେକ୍ସିକୋର ପ୍ରସିଦ୍ଧ ଚିତ୍ରଶିଳ୍ପୀ ଫ୍ରିଡା କାହଲୋଙ୍କ ଜନ୍ମ। ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା କାହଲୋ ମାତ୍ର ୪୭ ବର୍ଷ ବୟସରେ ମୃତ୍ୟୁବରଣ କରିଥିଲେ। ହେଲେ ଜଣେ କଳାକାରଙ୍କ କଳା କେବେ ମରି ନ ଥାଏ। ତା'ର କଳା ତାକୁ କାଳ କାଳ ପାଇଁ ଜୀବିତ କରି ରଖେ। ତେବେ ଫ୍ରିଡା ଯେ କେବେ ଜଣେ ବିଶିଷ୍ଟ ଚିତ୍ରଶିଳ୍ପୀଭାବେ ପରିଚିତ ହେବେ ତାହା ଭାବି ନ ଥିଲେ। ଛୋଟବେଳେ ପୋଲିଓ ହେବା ଯୋଗୁ ତାଙ୍କର ଗୋଟିଏ ଗୋଡ ଛୋଟ ଓ ସରୁ ହୋଇଯାଇଥିଲା। ସେଥିପାଇଁ ସାଙ୍ଗମାନେ ତାଙ୍କୁ ଚିଡାଉଥିଲେ। ହେଲେ ସେ ଏସବୁ ଭ୍ରୂକ୍ଷେପ କରୁ ନ ଥିଲେ। ଲକ୍ଷ୍ୟ ତାଙ୍କର ଥିଲା ଡାକ୍ତର ହେବେ। ହେଲେ ୧୮ ବର୍ଷ ବୟସରେ ତାଙ୍କ ସହ ଏମିତି ଏକ ଅଘଟଣ ଘଟିଲା, ଯାହା ତାଙ୍କ ଜୀବନର ଗତିପଥ ବଦଳାଇ ଦେଲା। ସେ ଯାଉଥିବା ବସ୍ ଏକ କାର୍ ସହ ଦୁର୍ଘଟଣାଗ୍ରସ୍ତ ହେଲା। ବସ୍‌ର ହାଣ୍ଡରେଲ୍ ଅଣ୍ଟା ଭାଗରେ ପଶିଗଲା। ମେରୁଦଣ୍ଡ ହାଡ, କଲାର ବୋନ୍, ଏମିତି କି ପୋଲିଓଗ୍ରସ୍ତ ଗୋଡ ମଧ୍ୟ ଭାଙ୍ଗିଗଲା। ଦୀର୍ଘ ସମୟ ପର୍ଯ୍ୟନ୍ତ ତାଙ୍କର ଚିକିତ୍ସା ଚାଲିଲା। ଶେଯରେ ପଡି ପଡି ଜୀବନ ପ୍ରତି ତାଙ୍କର ବିତୃଷ୍ଣା ଭାବ ଆସିଯାଇଥିଲା। ଏହି ସମୟରେ ତାଙ୍କ ବାପା ଗୁଇଲେର୍ମୋ ଯେ କି ଜଣେ ଫଟୋଗ୍ରାଫର୍ ଥିଲେ ତାଙ୍କୁ ପେଣ୍ଟିଂ କରିବାକୁ କହିଲେ। ପେଣ୍ଟିଂର ସବୁ ସରଞ୍ଜାମ ତାଙ୍କୁ ଯୋଗାଇଦେଲେ। ଫ୍ରିଡା ଶଯ୍ୟାରେ ଥାଇ ପେଣ୍ଟିଂ କରିବା ଆରମ୍ଭ କଲେ। ଆଗରୁ ପେଣ୍ଟିଂରେ ତାଲିମ ନେଇ ନ ଥିଲେ ବି କରିଚାଲିଲେ ଖୁବ୍ ସୁନ୍ଦର ସୁନ୍ଦର ପେଣ୍ଟିଂ। ଖାସ୍‌କରି ସେ ସେଲ୍ଫ ପୋର୍ଟ୍ରେଟ୍ କରୁଥିଲେ; ଯେଉଁଥିରେ ସେ ନିଜର ଚିତ୍ର କରି ନିଜ ମନର ଭାବକୁ ଦର୍ଶାଉଥିଲେ। ଧୀରେ ଧୀରେ ପେଣ୍ଟିଂ ଜରିଆରେ ତାଙ୍କର ଖ୍ୟାତି ବଢିବାକୁ ଲାଗିଲା। ତାଙ୍କ ପେଣ୍ଟିଂକୁ ପ୍ୟାରିସ୍ ଅନ୍ତଃରାଷ୍ଟ୍ରୀୟ ସଂଗ୍ରହାଳୟ କିଣିନେଇଥିଲା। ଆଉ ସେ ଜଣେ ବିଶିଷ୍ଟ ଚିତ୍ରଶିଳ୍ପୀର ମାନ୍ୟତା ପାଇଗଲେ। ତାଙ୍କ ପେଣ୍ଟିଂରେ ମେକ୍ସିକୋ ସଂସ୍କୃତିର ଝଲକ ବି ଦେଖିବାକୁ ମିଳୁଥିଲା।

# ଥୋମଣି ପାଇଁ ଗହଣା



ନାରୀର ଶୃଙ୍ଗାରରେ ଗହଣାର ସ୍ଥାନ ସ୍ୱତନ୍ତ୍ର। ଶରୀରର ବିଭିନ୍ନ ଅଙ୍ଗ ପାଇଁ ଗହଣା ରହିଛି। ହେଲେ ଥୋମଣି ପାଇଁ କୌଣସି ଗହଣା ନ ଥିଲା। ନିକଟରେ ଜର୍ମାନୀର କମ୍ପାନୀ ମାୟଲ ବର୍ଲିନ ତିଆରି କରିଛି ଥୋମଣୀ ପାଇଁ ସ୍ୱତନ୍ତ୍ର ଗହଣା; ଯାହାର ନାଁ ହେଉଛି 'ମୁଣ୍ଡଷ୍ଟକ୍'। ଏହାକୁ ପିନ୍ଧିବା ପାଇଁ ଥୋମଣିରେ ପିୟର୍ସିଂ କରିବାର ଆବଶ୍ୟକତା ନାହିଁ। ତଳ ଓଠରେ ଏହାକୁ ଧାରଣ କରାଯାଏ। ଏଥିରେ ହୁକ୍ ଭଳି ଥାଏ ଯାହାକୁ ତଳ ଓଠରେ ଲଗେଇ ଦିଆଯାଏ। ତଳ ଓଠରେ ଲଗାଗଲେ ବି ଏହା ବେଶ୍ ଆରାମରେ ପିନ୍ଧି ହୁଏ। ଓଠକୁ କଷ୍ଟ ହୁଏନା। କାରଣ ଏହା ବେଶ୍ ହାଲ୍‌କା। ଏମିତି କି ଖାଇବାବେଳେ ଅସୁବିଧା ହୋଇ ନ ଥାଏ। କଥା କହିବାରେ ବି ସମସ୍ୟା ହୁଏନା। ଦାନ୍ତକୁ କ୍ଷତି ମଧ୍ୟ ପହଞ୍ଚାଏନା। ଏହା କଳା, ସୁନେଲି ଓ ସିଲ୍‌ଭର ପରି ତିନୋଟି ରଙ୍ଗରେ ଉପଲବ୍ଧ ହେଉଛି। ଏହାକୁ ପିନ୍ଧିଲେ ଆପଣ ବେଶ୍ ଷ୍ଟାଇଲିଶ୍ ଲାଗିବେ। ଛୋଟ ମୁଣ୍ଡଷ୍ଟକ୍‌ର ମୂଲ୍ୟ ୭୫ ଡଲାର ହୋଇଥିବାବେଳେ ବଡ଼ ମୁଣ୍ଡଷ୍ଟକ୍‌ର ମୂଲ୍ୟ ୧୪୦ ଡଲାର ରହିଛି।

# ୮ ବର୍ଷୀୟା ମାଗାଜିନ୍ ସମ୍ପାଦିକା



ଅଷ୍ଟ୍ରେଲିଆର ଆଠ ବର୍ଷର କୁନି ଝିଅ ରୋକ୍ସେନ ଡାଉନ୍। ଏଇ ବୟସରେ ଯେଉଁଠି ପିଲାମାନେ ହୋମୱାର୍କ କରନ୍ତି ଓ ଖେଳାଖେଳିରେ ବ୍ୟସ୍ତ ରୁହନ୍ତି, ସେ କିନ୍ତୁ କରୁଛନ୍ତି ଏକ ଭିନ୍ନ କାମ। ଆଉ ଗଢିଛନ୍ତି ନିଜର ଏକ ଭିନ୍ନ ପରିଚୟ। ଏଇ ବୟସରେ ସେ ପାଲଟିଛି ପୃଥିବୀର ସର୍ବକନିଷ୍ଠ ମାଗାଜିନ ସମ୍ପାଦିକା। ମାଗାଜିନ୍‌ର ନାମ ହେଉଛି 'ଇଟ୍ ଗର୍ଲ'। ରୋକ୍ସେନ ଏତେ କମ୍ ବୟସରେ ଏଡିଟୋରିଆଲ କନସେପ୍ଟ ତିଆରି କରିବା ସହ ମାର୍କେଟ ସର୍ଚ୍ଚ କରନ୍ତି ଏବଂ ମାସକୁ ଥରେ ଏଡିଟର୍ସ ଲେଟର୍ ଲେଖନ୍ତି। ଆଉ ପ୍ରିଣ୍ଟ ପୂର୍ବରୁ ମାଗାଜିନ୍‌କୁ ରିଭ୍ୟୁ ବି କରନ୍ତି। ରୋକ୍ସେନ କହନ୍ତି, ''ମୁଁ ସବୁବେଳେ ମୋ ବୟସଠାରୁ ବଡ଼ କିଛି କରିବାକୁ ଚାହୁଁଥିଲି। ତା'ସହ ସାଙ୍ଗମାନଙ୍କ ଭିତରେ ଅଲଗା ହେବାର ଇଚ୍ଛା ଥିଲା। ତେଣୁ ଏଭଳି କିଛି କରିବାକୁ ଇଚ୍ଛା ପ୍ରକାଶ କଲି। ମୁଁ ଛୋଟ ପିଲା, ଏହି ମାଗାଜିନ ବି ଛୋଟପିଲାଙ୍କ ଉପରେ ଆଧାରିତ। ମୁଁ ଜାଣେ ପିଲାମାନଙ୍କୁ କ'ଣ ଭଲ ଲାଗେ। ସେମାନଙ୍କ ପାଇଁ କ'ଣ ଭଲ ଓ ସେମାନେ କ'ଣ ଜାଣିବାକୁ ଚାହାନ୍ତି।'' ରୋକ୍ସେନ ପାଠପଢ଼ାରେ ବେଶ୍ ଭଲ। ତେଣୁ ସେ ଏହି କାମ ବେଶ୍ ସୁଚାରୁ ରୂପେ ତୁଲାଇ ପାରୁଛନ୍ତି।

